## ସଂକ୍ଷେପରେ

### ଏଏମ୍‌ଏନ୍‌ଏସ୍ ପ୍ଲାଣ୍ଟରୁ ଚୋରି ଅଭିଯୋଗରେ ୨ ଗିରଫ



ପାରାଦୀପ,୨୦।୧୦(ସ୍ୱ.ପ୍ର.): ପାରାଦୀପର ଏଏମ୍‌ଏନ୍‌ଏସ୍ (ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ) କାରଖାନାରୁ ଚୋରି ଅଭିଯୋଗରେ ବୁଧବାର ପାରାଦୀପ ଆଦର୍ଶ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଅଠରବାଙ୍କିର ଶୁଭରଞ୍ଜନ ଜେନା ଓ ସତ୍ୟବ୍ରତ ହାତୀ। ଏ ନେଇ ଥାନାରେ ନଂ. ୨୨୨/୨୧ରେ ମାମଲା ରୁଜୁ ହୋଇଛି। ଏହି ଦୁଇଜଣ ମଙ୍ଗଳବାର ସନ୍ଧ୍ୟାରେ କାରଖାନାର ଯନ୍ତ୍ରାଂଶ ନେଇ ବାହାରିବା ବେଳେ କମ୍ପାନୀ ମୁଖ୍ୟ ଫାଟକ ପାଖରେ ସିକ୍ୟୁରିଟି ଦ୍ୱାରା ଧରାପଡିଥିଲେ। ଏ ନେଇ ସିକ୍ୟୁରିଟି ଅଫିସର ବିଜୟ କୁମାର ନାୟକ ଥାନାରେ ଜିମା ଦେବା ସହ ଅଭିଯୋଗ କରିଥିଲେ।

### କୋଭିଡ୍ କଟକଣାରେ ବିରିଡ଼ିରେ ଗଜଲକ୍ଷ୍ମୀ ପୂଜା

ବିରିଡି,୨୦।୧୦(ଡି.ଏନ.ଏ): ବିରିଡି ବ୍ଲକର ବିଭିନ୍ନ ସ୍ଥାନରେ ବୁଧବାର ଗଜଲକ୍ଷ୍ମୀ ପୂଜା କୋଭିଡ୍ କଟକଣାରେ ଅନୁଷ୍ଠିତ ହୋଇଛି। ବିଶେଷକରି ପଣ୍ଡିଆ, ବିରିଡ଼ି କଳୁକଇଜଙ୍ଗାର ନାୟକସାହି, ବାଇଶିମୌଜାର କମଳପୁର, ଚାଷିଖଣ୍ଡ ଆନନ୍ଦ ବଜାର, ବାସନ୍ଦରାର ବାଇପଦା, ଅଲ୍ଲୀପଡା, ମଙ୍ଗୁଳି ପଞ୍ଚାତର ବଣୁଆ ସାହି, ମହାନ୍ତି ସାହି, ପାର୍ବତୀପୁର, କଣ୍ଟୁଆର, ଅଡଙ୍ଗଗଡ, ଅଡଙ୍ଗମଜୁରାଇ, ଶିବପୁର, ଶଙ୍କରପୁର, ହାଜିପୁରର ଭୂୟାଁ ସାହି, ବସନ୍ତପୁର, ଅଲାଣ୍ଡୋ ପଞ୍ଚାୟତର ବଣିଆସାହି, ସାହାବାଦର ଭୋଇ ସାହି, ଅରଣା, ବଡଖଣ୍ଡାୟତ ପଞ୍ଚାୟତର ବଡଖଣ୍ଡାୟିତ, ଗୋଠପଦା, ବରିପଦା, ଦରଡା ପଞ୍ଚାୟତର ଦରଡାପାରି, ହାଟୁଆରୀ, ପଟୁଆରି, ବାଗଲପୁର, ଅଡଙ୍ଗ ବ୍ରହ୍ମପୁର ସାହି ଆଦି ୨୬ଟି ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ମୂର୍ତ୍ତି ପୂଜା ପାଉଛନ୍ତି। ବୁଧବାର ଜଳଯାତ୍ରା, ଅଧିବାସ, ଚକ୍ଷୁଦାନ, ପ୍ରାଣ ପ୍ରତିଷ୍ଠା, ମହାସ୍ନାନ, ଷୋଡ଼ଶ ଉପଚାର ପୂଜା, ସନ୍ଧ୍ୟା ଆଳତି କରାଯାଇଛି।

### ଶୋ' ରୁମରୁ ଚୋରି, ଅଭିଯୁକ୍ତ ଗିରଫ

ପାରାଦୀପ,୨୦।୧୦(ସ୍ୱ.ପ୍ର.): ପାରାଦୀପ ଲକ୍ ଥାନା ପୋଲିସ ବୁଧବାର ଜଣେ ଚୋରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ଶୋ ରୁମ୍ ଚୋରି ହୋଇଥିବା ସାମଗ୍ରୀ ଜବତ କରାଯାଇଛି। ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ଡିହା ଗାଁର ମାଗୁଣି ବାରିକ। ସେ ଦୁଇଦିନ ତଳେ ୟାମହା ଶୋ ରୁମରୁ ମଟର, ଗ୍ରାଇଣ୍ଡିଂ ମେଶିନ, ଡିସପ୍ଲେ ଲାଇଟ ଆଦି ଚୋରି କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଏ ନେଇ ଥାନାରେ ନଂ. ୨୫୫/୨୧ରେ ମାମଲା ରୁଜୁ ହୋଇଛି।

# କୋଇଲା ଲୋଡିଂ ଜାଲିଆତିରେ ୭ ଗିରଫ

ପାରାଦୀପ, ୨୦।୧୦(ସ୍ୱ.ପ୍ର.)

ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ପୁଣି ଏକ ବଡ ଧରଣର ଜାଲିଆତି ଘଟଣା ଚଳିତ ମାସରେ ଘଟିଛି। ଏହି ଘଟଣା ପ୍ରଥମେ କୋର୍ଟ ଓ ପରେ ପାରାଦୀପ ଆଦର୍ଶ ଥାନାକୁ ଆସିଛି। ଉକ୍ତ ଘଟଣାରେ ବୁଧବାର ପୋଲିସ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଲୋଡିଂରେ ନିୟୋଜିତ ୨୫ ଟ୍ରକକୁ ଜବତ କରାଯାଇଛି। ଏ ନେଇ ଥାନାରେ ନଂ. ୨୧୭/୨୧ ମାମଲା (ଦଫା ୩୭୯, ୪୬୫, ୪୬୭, ୪୬୮, ୪୬୯, ୪୭୧, ୧୨୦/ବି) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ସୌମ୍ୟରଞ୍ଜନ ଶତପଥୀ, ସଞ୍ଜୀବ କୁମାର ମିଶ୍ର, ଚିନ୍ମୟ ଭୂୟାଁ, ସୁଶାନ୍ତ କୁମାର ସାମଲ, ଶାରଦା ପ୍ରସନ୍ନ ଓଝା, ପ୍ରକାଶ ମଲ୍ଲିକ ଓ ଭାଗୀରଥି ପ୍ରଧାନ। ଏମାନେ ଇନମେଶିନାରୀ ନାମକ ଷ୍ଟିଭେଡର୍ସ ସଂସ୍ଥାର କର୍ମଚାରୀ, ମେଶିନ ଲୋଡର, ଅପରେଟର ବୋଲି ପୋଲିସ ସୂଚନା ଦେଇଛି। ଉକ୍ତ ଟ୍ରକ୍ ଗୁଡିକରେ ଗତ ୫ ତାରିଖରେ କୋକିଂ କୋଲ ଲୋଡିଂ ହୋଇଥିଲା। ଉକ୍ତ କୋଇଲା ଟ୍ରାନ୍ସପୋର୍ଟ ପାଇଁ କାଗଜପତ୍ର ଜାଲିଆତି କରାଯାଇଥିଲା ବୋଲି ଅଭିଯୋଗ ହୋଇଥିଲା। ସମଗ୍ର ଘଟଣାରେ ଏକାଧିକ ବଡ ସଂସ୍ଥାନ ଜଡ଼ିତ ଥିବା ଜଣାପଡିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଝାଡଖଣ୍ଡର ଅତାବିରା ନାମକ ଆମଦାନୀକାରୀ ସଂସ୍ଥା ୭୦୦ ମେଟ୍ରିକ ଟନ କୋଇଲା ନେବା ପାଇଁ ପାରାଦୀପର କୋଷ୍ଟାଲ ଟ୍ରାନ୍ସପୋର୍ଟ ନାମକ ସଂସ୍ଥାକୁ ଅଗ୍ରାଧିକାର ଦେଇଥିଲା। କିନ୍ତୁ ଉକ୍ତ ଅର୍ଡରରେ କୋକିଂ କୋଲ ବୋଲି ପ୍ରଥମେ ଉଲ୍ଲେଖ ଥିଲା। ସେହି ଅର୍ଡର ମୁତାବକ କୋଷ୍ଟାଲ ଟ୍ରାନ୍ସପୋର୍ଟ ପାରାଦୀପର ଜେସିସି(ଜଏଣ୍ଟ କୋଅର୍ଡିନେଶନ କମିଟି) କୁ ୨୫ ଟି ଟ୍ରକ ଦେବା ପାଇଁ ମେଲ ଦେଇଥିଲା। ୫ ତାରିଖ ଦିନ ଟ୍ରକଗୁଡିକ ଆବଶ୍ୟକ ପରମିଟ, ଗେଟ୍ ପାଶ ଆଦି ନେଇ ପୋର୍ଟ ଭିତରେ ଲୋଡିଂ ପାଇଁ ଯାଇଥିଲେ। ୭ ଟି ଟ୍ରକ ଲୋଡିଂ ପରେ ବନ୍ଦର ସୁରକ୍ଷା ଦାୟିତ୍ୱରେ ଥିବା ସିଆଇଏସ୍‌ଏଫ୍ ପାଖରେ ଅଭିଯୋଗ ହୋଇଥିଲା ଯେ ଉକ୍ତ ଗାଡିରେ ଫେକ୍ ଡକ୍ୟୁମେଣ୍ଟ ଜରିଆରେ କୋକିଂ କୋଲ ଲୋଡ କରାଯାଉଛି। ସିଆଇଏସ୍‌ଏଫ୍ ଓ ବନ୍ଦର ଟ୍ରାଫିକ ବିଭାଗ ପକ୍ଷରୁ ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ କରାଯାଇଥିଲା। ସେଥିରେ ଜଣାପଡିଲା ତ୍ରିଶକ୍ତି ନାମକ ସଂସ୍ଥାର କାଗଜପତ୍ରରେ ଏହା ଚାଲିଛି। ଏମିତି ପ୍ରାୟ ୫ ଦିନ ଧରି ଯାଞ୍ଚ ଭିତରେ ତ୍ରିଶକ୍ତି ସଂସ୍ଥା ପକ୍ଷରୁ କୁଜଙ୍ଗ କୋର୍ଟରେ ଏହି ଘଟଣା ସମ୍ପର୍କରେ ଏକ ମାମଲା (ଆଇସିସି ନଂ. ୨୯୨/୨୧) କରାଯାଇଥିଲା। ଉକ୍ତ ମାମଲାର ତଦନ୍ତ ପାଇଁ ପାରାଦୀପ ଆଦର୍ଶ ଥାନା ପୋଲିସକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ୧୫ ଦିନ ତଦନ୍ତ ପରେ ବୁଧବାର ୭ ଜଣ ଗିରଫ ହୋଇଛନ୍ତି। ଆଗକୁ ତଦନ୍ତ ଆଧାରରେ ଅନ୍ୟମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ରଜନୀକାନ୍ତ ମିଶ୍ର କହିଛନ୍ତି।



ଗିରଫ ହୋଇଥିବା ୭ ଅଭିଯୁକ୍ତ।

- ପାରାଦୀପ ବନ୍ଦର
- ୨୫ ଟ୍ରକ ଜବତ

## ପାରୁଲ ପଟୱାରୀ ନୂଆ ଜିଲାପାଳ



ଜଗତ୍‌ସିଂହପୁର ଅଫିସ, ୨୦।୧୦

ଜଗତ୍‌ସିଂହପୁର ନୂଆ ଜିଲାପାଳ ଭାବେ ପାରୁଲ ପଟୱାରୀ ବୁଧବାର ଯୋଗ ଦେଇଛନ୍ତି। ସେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁଙ୍କଠାରୁ ଦାୟିତ୍ୱ ଗ୍ରହଣ କଲା ପରେ କାର୍ଯ୍ୟାଳୟର ବିଭିନ୍ନ ଦପ୍ତର ପରିଦର୍ଶନ କରିଥିଲେ। ଏହି ଅବସରରେ ବିଭାଗୀୟ ଅଧିକାରୀମାନେ ନୂଆ ଜିଲାପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ ସହ ଅଭିନନ୍ଦନ ଜଣାଇଥିଲେ। ଜିଲାପାଳଙ୍କ ଯୋଗଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ, ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁ ଚରଣ ଧୀର, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହନ୍ତି, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଜିଲାସ୍ତରୀୟ ଅଧିକାରୀ, ଡେପୁଟୀ କଲେକ୍ଟର, ସହକାରୀ ଜିଲାପାଳ, ବିଭିନ୍ନ ବ୍ଲକର ତହସିଲଦାର ଓ ବିଡିଓମାନେ ଉପସ୍ଥିତ ଥିଲେ।

# ଜଳ ନିଷ୍କାସନ ଦାବିରେ ରାସ୍ତାରୋକୋ

ମହାକାଳପଡ଼ା,୨୦।୧୦(ଡି.ଏନ.ଏ.)



ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧ କରିଛନ୍ତି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ରାମନଗର ପଞ୍ଚାୟତର ୪,୫,୬, ୭,୮ନଂ.ୱାର୍ଡରୁ ଲଘୁଚାପଜନିତ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଏବେ ବି ଜମି ରହିଛି । ଏଥିପାଇଁ ଲୋକମାନେ ଘରୁ ପଦାକୁ ବାହାରି ପାରୁନାହାନ୍ତି । ୱାର୍ଡର ଲୋକେ ଥଣ୍ଡା ଜ୍ୱର ସହିତ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ଦୀର୍ଘଦିନ ଧରି ବର୍ଷାପାଣି ଜମି ରହିବା ଫଳରେ ସେଠାରେ ମଶାବଂଶ ବୃଦ୍ଧି ପାଇଛି । ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଏହାର ପ୍ରତିବାଦରେ ବୁଧବାର ସକାଳୁ ସ୍ଥାନୀୟ ଲୋକେ ମହାକାଳପଡ଼ା ମୂଖ୍ୟରାସ୍ତା ଅବରୋଧ କରିଥିଲେ । ଆନ୍ଦୋଳନକାରୀମାନେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ନିଜ ଦାବି ଉପସ୍ଥାପନ କରିଥିଲେ। ଖବର ପାଇ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ପରେଶ କୁମାର ମହାନ୍ତି ପୋଲିସ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ । ଏ ସଂକ୍ରାନ୍ତରେ ମହାକାଳପଡ଼ା ତହସିଲଦାର ଓ ବିଡ଼ିଓଙ୍କୁ ଲିଖିତ ଅଭିଯୋଗ କରିବା ପାଇଁ ଥାନା ଅଧିକାରୀ ପରାମର୍ଶ ଦେଇଥିଲେ। ଯୁଦ୍ଧକାଳୀନ ଭିତ୍ତିରେ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ହଟିଥିଲା ।

ସୂଚନାଯୋଗ୍ୟ, ଜଳ ନିଷ୍କାସନ ପଥ ଅବରୋଧ ଯୋଗୁ ଏହି ସମସ୍ୟା ଗୁରୁତର ହୋଇଛି ବୋଲି ସ୍ଥାନୀୟ ବାସିନ୍ଦା ଗଣେଶ ମଣ୍ଡଳ, ଶୁକ ପରମଣିକ, ବିଶ୍ୱଜିତ୍ ବିଶ୍ୱାଳ, ବିଜୁ ମହାନ୍ତି, ସନ୍ୟାସୀ ମଣ୍ଡଳ, କାର୍ତ୍ତିକ ମଣ୍ଡଳ, ତୁଷାର ମଣ୍ଡଳ, ବିଷ୍ଣୁ ରାୟ, ନିର୍ମଳ ମଣ୍ଡଳଙ୍କ ସମେତ ଯୁବନେତା ଶରତ କୁମାର ରାଉତ, ସାମାଜିକ କର୍ମୀ ବିଶ୍ୱନାଥ ବୈଦ ପ୍ରମୁଖ କହିଛନ୍ତି ।

# ରାମଚଣ୍ଡୀଙ୍କ ପୀଠ ପ୍ରତି ଅବହେଳା

କେନ୍ଦ୍ରାପଡ଼ା ଅଫିସ, ୨୦।୧୦

କେନ୍ଦ୍ରାପଡ଼ା ଜିଲାର ଅନ୍ୟତମ ଶକ୍ତିପୀଠ ମହାକାଳପଡ଼ା ବ୍ଲକ ରାମନଗରସ୍ଥିତ ରାମଚଣ୍ଡୀ ମନ୍ଦିର ପରିସର ରାଜ୍ୟ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ପାଇବାକୁ ଅପେକ୍ଷା କରିଛି। ଗତ ୨୦୧୭ରୁ ଏସମ୍ପର୍କରେ ସମସ୍ତ ତଥ୍ୟ ରାଜ୍ୟ ପର୍ଯ୍ୟଟନ ବିଭାଗକୁ ଜିଲା କାର୍ଯ୍ୟାଳୟ ପକ୍ଷରୁ ପ୍ରଦାନ କରାଯାଇଥିଲା। ଏହା ଶେଷ ପର୍ଯ୍ୟାୟରେ ଅଛି ବୋଲି ସୂଚନା ମିଳିଛି । ତେବେ ଏହି ଶକ୍ତିପୀଠ ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ଜରୁରୀ ହୋଇପଡିଥିବା ସ୍ଥାନୀୟ ଅଧିବାସୀ ମତ ଦେଇଛନ୍ତି ।

ମା' ରାମଚଣ୍ଡୀ ସେନାର କାର୍ଯ୍ୟକର୍ତ୍ତା ସୁବାସ ସ୍ୱାଇଁ କହିଛନ୍ତି, ମା'ଙ୍କ ରୀତିନୀତି ପରିଚାଳନା ପାଇଁ ତତ୍କାଳୀନ କୁଜଙ୍ଗ ରାଜା ରାମନଗର, ପେଟଛେଲା, ଭୋପାଳ, ବାରଡାଙ୍ଗ ଆଦି ମୌଜାରେ ଜମି ଦାନ କରିଥିଲେ । ଏବେ ସେହି ଜମି କେତେଜଣ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଯାଇଛି। ସେହିପରି ୨୦୧୬ରୁ ମନ୍ଦିର ପରିଷଦର କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ଏହାର ନବୀକରଣ ହୋଇନାହିଁ। ବିଭିନ୍ନ ସମୟରେ ଏପରି ବହୁ ସମସ୍ୟା ଉତ୍‌ଥାପନ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ସେନାର କର୍ମକର୍ତ୍ତା ଲକ୍ଷ୍ମୀଧର ସ୍ୱାଇଁ କହିଛନ୍ତି, ମା'ଙ୍କ ପୀଠ ବାଟ ଦେଇ ପର୍ଯ୍ୟଟନ କ୍ଷେତ୍ର ହୁକିଟୋଲା ଓ ବତୀଘରକୁ ପର୍ଯ୍ୟଟକମାନେ ଯାଇଥାନ୍ତି। ଏଥିପାଇଁ ୧୯୯୭-୯୮ ଆର୍ଥିକ ବର୍ଷରେ ପୀଠ ପରିସରରେ ପାନ୍ଥଶାଳା ନିର୍ମାଣ ହୋଇଥିଲା। ତାହା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ପର୍ଯ୍ୟଟକଙ୍କ କାମରେ ଆସୁନାହିଁ। ସେହିପରି ମା'ଙ୍କ ପ୍ରସିଦ୍ଧ ପର୍ବ ଝାମୁଯାତ୍ରାରେ ବହୁ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥାଏ । ଏହି ସମୟରେ ଆଦାୟ ଅର୍ଥ ବାଟମାରଣା ହେଉଥିବା ଅଭିଯୋଗ ହୋଇଛି । ଏହାର ତଦନ୍ତ ଜରୁରୀ ବୋଲି ସେ ପ୍ରକାଶ କରିଛନ୍ତି। ମହାକାଳପଡ଼ା ୟୁଥ କ୍ଲବ ସଭାପତି ସୁନିଲ ଗୋଚ୍ଛାୟତ କହିଛନ୍ତି, ପର୍ଯଟନ କ୍ଷେତ୍ରର ମାନ୍ୟତା ମିଳିଲେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଭିଡ଼ ବଢ଼ିବ । ଏଥିସହିତ ଝାମୁଯାତ୍ରା ସମୟରେ ଶ୍ରଦ୍ଧାଳୁଙ୍କ ସଂଖ୍ୟାକୁ ଦୃଷ୍ଟିରୁ ରଖି ପୀଠ ପରିସୀମାକୁ ବୃଦ୍ଧି କରାଯିବା ଜରୁରୀ ହୋଇଛି। ଉକ୍ତ ସ୍ଥାନରେ ଏବେ ନିର୍ମାଣାଧୀନ ପାଣିଟାଙ୍କି ଆଗାମୀ ଦିନରେ ଅସୁବିଧା ସୃଷ୍ଟି କରିବ। ଏଥିସହିତ ଦୁଇଥର ଏହି ପୀଠରୁ ଅଳଙ୍କାର ଚୋରି ହୋଇଥିବାରୁ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାର ଆବଶ୍ୟକତା ଅଛି। ଏ ସଂକ୍ରାନ୍ତରେ ଉପଜିଲାପାଳ ନିରଞ୍ଜନ ବେହେରା କହିଛନ୍ତି, ଏପରି ସମସ୍ୟାର ସମାଧାନ ପାଇଁ ମୁଁ ପୀଠସ୍ଥଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିବି । ଖୁବ୍ ଶୀଘ୍ର ଉପରୋକ୍ତ ସମସ୍ୟାର ସମାଧାନ ହେବ ।

### ପର୍ଯ୍ୟଟନ କ୍ଷେତ୍ର ମାନ୍ୟତାକୁ ଅପେକ୍ଷା



ମା' ରାମଚଣ୍ଡୀ।

# ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମୀଙ୍କୁ ସମ୍ବର୍ଦ୍ଧନା

ଆଳି,୨୦।୧୦(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବରୁଣାଡିହାଠାରେ ଖରସ୍ରୋତା ନଦୀରେ ନିର୍ମାଣାଧୀନ ମେଗା ପାନୀୟ ଜଳ ପ୍ରକଳ୍ପକୁ ବିରୋଧ ଓ ପ୍ରକଳ୍ପ ଅଞ୍ଚଳରେ ଭଙ୍ଗାରୁଜା ଘଟଣାରେ ଜିଲା ଭାଜପା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସହ ୨୪ ଜଣ ଗିରଫ ହୋଇ ଜେଲରେ ଥିଲେ। ସେମାନେ ଜାମିନରେ ମୁକୁଳି ଥିଲେ। ଜାମିନରେ ଆସିବା ପରେ ବୁଧବାର ଜିଲା ଉପସଭାପତି ପଣ୍ଡାଙ୍କୁ ତାଙ୍କ ସମର୍ଥକମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ପତ୍ରପୁର ସେତୁ ନିକଟରୁ ବାଇକ୍ ଶୋଭାଯାତ୍ରାରେ ଆଳିର ଆରାଧ୍ୟ ଠାକୁର ଶ୍ରୀଲକ୍ଷ୍ମୀବରାହ ଜୀଉ ମନ୍ଦିର ପର୍ଯ୍ୟନ୍ତ ଆଣିଥିଲେ। ଏହି ସମୟରେ ପଣ୍ଡାଙ୍କୁ ପତ୍ରପୁର ନିକଟରେ ୩ ନଂ. ଜୋନ ମଣ୍ଡଳ ସଭାପତି ଅକ୍ଷୟ ଦାସ, ଗୋପୀନାଥପୁର ଶାସନ ଛକରେ ଭକ୍ତବନ୍ଧୁ ମିଶ୍ର, ଭୂଇଁପୁର ଛକଠାରେ ୧ନଂ. ଜୋନ ସଭାପତି ଓମ୍‌ପ୍ରକାଶ ପତି, ଡାକବଙ୍ଗଳା ଛକରେ ୨୮ ନଂ. ଜୋନ ମଣ୍ଡଳ ସଭାପତି ରାଜେନ୍ଦ୍ର ବେହେରା ପ୍ରମୁଖ ସମ୍ବର୍ଦ୍ଧନା ଜଣାଇଥିଲେ। ପଣ୍ଡା ପ୍ରଥମେ ଶ୍ରୀଲକ୍ଷ୍ମୀବରାହ ଜୀଉ ମନ୍ଦିରକୁ ଯାଇ ଠାକୁରଙ୍କ ଦର୍ଶନ ପରେ ନିଜ ଘରକୁ ଯାଇଥିଲେ। କାର୍ଯ୍ୟକ୍ରମକୁ ଜିଲା ସଭାପତି କିଶୋର ପଣ୍ଡା, ଉପସଭାପତି ଉପିନ ରାଉତ, ସାଧାରଣ ସମ୍ପାଦକ ଶଶାଙ୍କ ସେଠୀ, ଜିଲା ସମ୍ପାଦକ ଅମିତାଭ ସୁଆର, ଶୁଭ୍ର ରଞ୍ଜନ ସାମଲ, ମଡିଆ ସେଲ୍ ସମ୍ପାଦକ ନେହେରୁ ସାହୁ, ଜିଲା ଯୁବମୋର୍ଚ୍ଚା ଉପସଭାପତି ଶୋଭନ ଆଚାର୍ଯ୍ୟ, ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ନିହାର ସ୍ୱାଇଁ, ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟଦର୍ଶନୀ ନନ୍ଦ, ଜିଲା ଯୁବମୋର୍ଚ୍ଚା ସମ୍ପାଦକ ବରାହ ପଣ୍ଡା ପ୍ରମୁଖଙ୍କ ସହ କର୍ମୀମାନେ ଉପସ୍ଥିତ ଥିଲେ।

## ଶ୍ରୀବନ୍ତପୁର ପଥର ବନ୍ଧ, ମୁଗୁରାନାଳି ପୁନରୁଦ୍ଧାର ଅନୁଧ୍ୟାନ

ବାଲିକୁଦା, ୨୦।୧୦(ସ୍ୱ.ପ୍ର.)

ଜଳ ସମ୍ପଦ ଓ ଜଳ ନିକାଶ ବିଭାଗର ଉପରିସ୍ଥ ଅଧିକାରୀମାନେ ବୁଧବାର ଜଗତ୍‌ସିଂହପୁର ଜିଲା ବାଲିକୁଦା ଓ ଏରସମା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିଛନ୍ତି। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ରଘୁନନ୍ଦନ ଦାସ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, କାକଟପୁର ବ୍ଲକ ଅଧକ୍ଷ ବାବୁ ନାୟକ, ବାଲିକୁଦା ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକଙ୍କ ସମେତ ଜଳ ନିକାଶ ମୁଖ୍ୟ ଯନ୍ତ୍ରୀ ବାଲେଶ୍ୱର ସାହୁ, ଭକ୍ତ ଚରଣ ଦାଶ, ଚଣ୍ଡେଶ୍ୱର ବେହେରା, ଚିନ୍ମୟ ରାଉତ, ମୁଖ୍ୟ ଯନ୍ତ୍ରୀ (ଡିଜାଇନ) ଲିଙ୍ଗରାଜ ପଣ୍ଡା, ଓସିସି ଏମଡ଼ି, ବିଭୂତି ଭୂଷଣ ଦାଶ, ଜଗତ୍‌ସିଂହପୁର ଜଳ ସମ୍ପଦ ନିର୍ବାହୀ ଯନ୍ତ୍ରୀ ପ୍ରତାପ ଶତପଥୀ, ଡ୍ରେନେଜ ନିର୍ବାହୀ ଯନ୍ତ୍ରୀ ହରେକୃଷ୍ଣ ବେହେରା, ମହାନଦୀ ସାଉଥ୍ ଅଧିକାରୀ ରାଜେଶ ମହାନ୍ତି, ସହକାରୀ ଯନ୍ତ୍ରୀ ସୁଧୀର ପ୍ରହରାଜ, ବିପ୍ଳବ ସାହୁ ପ୍ରମୁଖ ଉପସ୍ଥିତ ରହି ଦେବୀନଦୀର ଶ୍ରୀବନ୍ତପୁରଠାରେ ହେଉଥିବା ପଥର ବନ୍ଧ, ମୁଗୁରାନାଳି କାର୍ଯ୍ୟ ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରଥମେ ମନ୍ତ୍ରୀ ଓ ଅଧିକାରୀମାନେ ପୁରୀ ଜିଲା ତାଳଦା ପଞ୍ଚାୟତର ତାଳଦାଠାରେ ଦେବୀନଦୀରେ ଦୀର୍ଘଦିନ ଧରି ଅଧା ପନ୍ତରିଆ ହୋଇ ପଡ଼ି ରହିଥିବା ନିର୍ମାଣାଧୀନ ବିଜୁ ସେତୁର ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ତରସାହି ଘେରି ବନ୍ଧ କାର୍ଯ୍ୟ ବୁଲି ଦେଖି ଗାଁ ଲୋକଙ୍କ ସହ ଏହାର ଅଗ୍ରଗତି ନିମନ୍ତେ ଆଲୋଚନା କରିଥିଲେ। ପରେ ଶ୍ରୀବନ୍ତପୁରର ପଥର ବନ୍ଧ ଓ ମୁଗୁରାନାଳ ପୁନରୁଦ୍ଧାର କାର୍ଯ୍ୟ ବୁଲି ଦେଖିଥିଲେ।

## ପୂଜା ମଣ୍ଡପରେ ଗଜଲକ୍ଷ୍ମୀ



କେନ୍ଦ୍ରାପଡ଼ା ସହରର ଗଜଲକ୍ଷ୍ମୀ: କେଶପୁର ବଜାର



କାକଟ



ମଡିଆଳ



ଗୋପ



ଗରାପୁର



ନଶଡିପୁର।



କେନ୍ଦ୍ରାପଡ଼ା ସହରର ଗଜଲକ୍ଷ୍ମୀ: ସୁନାଇଲୋ



ନଶଡିପୁର ଅଭୟ



ପୁରୁଣା ବସ୍‌ଷ୍ଟାଣ୍ଡ



ମହିପାଳ





ଜଗତ୍‌ସିଂହପୁର ଜିଲା ବିରିଡି ବ୍ଲକ ଅଞ୍ଚଳର ପୁରଣ ଓ ମଙ୍ଗୁଳିରେ ପୂଜା ପାଉଥିବା ଗଜଲକ୍ଷ୍ମୀ।

## ସଂକ୍ଷେପରେ

### ଯୁବକଙ୍କ ମୃତ୍ୟୁ ମାମଲା ନେଇ ଜାତୀୟ ମାନବ ଅଧିକାର କମିଶନଙ୍କୁ ଅଭିଯୋଗ

ବିଞ୍ଝାରପୁର,୨୦।୧୦(ଡି.ଏନ.ଏ.): ବିଞ୍ଝାରପୁର ଥାନା ଅଧୀନ ବିତନା ଗ୍ରାମର କମଳଲୋଚନ ଆଚାର୍ଯ୍ୟଙ୍କ ପୁଅ ରୁଦ୍ରପ୍ରତାପଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ଜାତୀୟ ମାନବ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି ସାମାଜିକ କର୍ମୀ ତଥା ଭାରତୀୟ ବିକାଶ ପରିଷଦ ଜଗତ୍‌ସିଂହପୁର ଜିଲା ସଭାପତି ସୁବ୍ରତ ଦାଶ। ଦାଶଙ୍କ ଅଭିଯୋଗ ଅନୁଯାୟୀ, ବିତନା ଗ୍ରାମର ଯୁବକ ରୁଦ୍ରପ୍ରତାପ ଅଗଷ୍ଟ ୧୯ରେ ଯାଜପୁର ଥାନା ବୈଦ୍ୟରାଜପୁରର ତାଙ୍କ ଶ୍ୱଶୁର ଘରକୁ ଯାଇଥିଲେ। ପରଦିନ ବୈଦ୍ୟରାଜପୁର ଜଗନ୍ନାଥ ମନ୍ଦିର ପୋଖରୀରୁ ତାଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ମୃତଦେହ ଉଦ୍ଧାର ସମୟରେ ତାଙ୍କ ଗୋଡ଼ ଓ ହାତ ବନ୍ଧା ହୋଇଥିବା ଦେଖିବାକୁ ମିଳିଥିଲା। ପୋଲିସ କେବଳ ଏକ ମାମଲା ରୁଜୁ କରି ଚୁପ୍ ବସିଯାଇଛି। ରୁଦ୍ରପ୍ରତାପଙ୍କ ଶ୍ୱଶୁର ଘର ଲୋକଙ୍କୁ ପୋଲିସ ତଦନ୍ତ ପରିସର ଭୁକ୍ତ କରୁନାହିଁ କି ଅଭିଯୁକ୍ତଙ୍କୁ ଧରୁନି। ରୁଦ୍ରପ୍ରତାପଙ୍କ ବାପା ଯାଜପୁର ଟାଉନ ପୋଲିସ ଓ ଏସ୍‌ପିଙ୍କ ନିକଟକୁ ଦୌଡ଼ିଦୌଡ଼ି ନୟାନ୍ତ ହେଲେଣି। ପୋଲିସ କେବଳ ମିଥ୍ୟା ପ୍ରତିଶ୍ରୁତି ଦେଇ ଚାଲିଛି ବୋଲି ଦାଶ ଅଭିଯୋଗରେ ଦର୍ଶାଇବା ସହ ରୁଦ୍ରପ୍ରତାପଙ୍କ ମୃତ୍ୟୁ ମାମଲାକୁ କମିଶନଙ୍କ ଟିମ୍ ତଦନ୍ତ କରିବା ପାଇଁ ଦାବି କରିଛନ୍ତି।

### ପ୍ରତାରଣା ଅଭିଯୋଗରେ ଯୁବକ କୋର୍ଟଚାଲାଣ

ପାଣିକୋଇଲି,୨୦।୧୦(ଡି.ଏନ.ଏ.): ଯୁବତୀଙ୍କୁ ପ୍ରତାରଣା ଅଭିଯୋଗରେ ପାଣିକୋଇଲି ଥାନା ଅନ୍ତର୍ଗତ ଶଙ୍ଖଚିଲା ଗୁରୁସାହିର ଅଜୟ ଗୁରୁଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ଅଜୟ ତାଙ୍କ ଭାଇଙ୍କ ଶାଳୀଙ୍କୁ ପ୍ରେମ କରୁଥିଲେ। ଉଭୟଙ୍କ ମଧ୍ୟରେ ଗଭୀର ସମ୍ପର୍କ ଥିଲା। ଦୀର୍ଘ ୪ ବର୍ଷ ଧରି ବିବାହର ପ୍ରତିଶ୍ରୁତି ଦେଇ ଅଜୟ ଯୁବତୀଙ୍କ ସହ ସମ୍ପର୍କ ରଖିଥିଲେ। ତେବେ ଯୁବତୀ ବିବାହ କରିବାକୁ ଜିଦ୍ ଧରିବାରୁ ଅଜୟ ମନା କରି ଦେଇଥିଲେ। ଫଳରେ ଯୁବତୀ ଆସି ଥାନାରେ ଅଜୟ ଓ ତାଙ୍କ ପରିବାର ଲୋକଙ୍କ ନାମରେ ନାମରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୬୫/୨୧ରେ ଏକ ମାମଲା ରୁଜୁ କରିବା ସହ ଅଜୟ ଓ ତାଙ୍କ ଦୁଇଭାଇ ଅକ୍ଷୟ ଓ ସର୍ବେଶ୍ୱରଙ୍କୁ ଥାନାକୁ ଆଣି ଜେରା କରିଥିଲା। ଏହାପରେ ଅଜୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ପାଣିକୋଇଲିରେ ଲକ୍ଷ୍ମୀପୂଜା, କୁମାରୋତ୍ସବ



ପାଣିକୋଇଲି,୨୦।୧୦(ଡି.ଏନ.ଏ.): ସହରଠାରୁ ଆରମ୍ଭ କରି ଗାଁ ପର୍ଯ୍ୟନ୍ତ ସବୁଠି ଲକ୍ଷ୍ମୀପୂଜା ପାଇଁ ଆନନ୍ଦର ମାହୋଲ। ଏହିକ୍ରମରେ ପାଣିକୋଇଲିର ଲକ୍ଷ୍ମୀ ବିହାର, ଧଳ ସାହି ଓ ଲକ୍ଷ୍ମୀ ବଜାରରେ ମା'ଙ୍କ ମୂର୍ତ୍ତି ପୂଜା ପାଉଛି। ଗାଁଗହଳିରେ ସାମୂହିକ ଓ ବ୍ୟକ୍ତିଗତ ଭାବେ ଲକ୍ଷ୍ମୀ ପୂଜା ଚାଲୁରହିଛି। ସୁସଜ୍ଜିତ ଆଲୋକମାଳରେ ମଣ୍ଡପ ଝଲସି ଉଠୁଛି। ସେହିପରି କୁମାରୀ ଝିଅମାନଙ୍କ କୁମାର ପୂର୍ଣ୍ଣିମା ପୂଜା ଅନୁଷ୍ଠିତ ହୋଇଛି। କୁମାରୀମାନେ ସକାଳୁ ପୂଜା ଆରମ୍ଭ କରି ସନ୍ଧ୍ୟାରେ ଶେଷ କରିଛନ୍ତି।

### ୩ ଘରୁ ଚୋରି ଅଭିଯୋଗ

କଳିଙ୍ଗନଗର,୨୦।୧୦(ଡି.ଏନ.ଏ.): କୋରେଇ ଥାନା ନୂଆଗଡ଼ ମୌଜାର ନ୍ୟୁ କଲୋନୀ ଅଞ୍ଚଳରୁ ମଙ୍ଗଳବାର ରାତିରେ ୩ ଜଣ ବ୍ୟକ୍ତିଙ୍କ ଘର ତାଲା ଭାଙ୍ଗି ଲୁଟ ହୋଇଛି। ଦୁର୍ବୃତ୍ତ ଲୁଟ୍ କରିବା ପରେ ସମସ୍ତ ଘରକୁ ପଦାପଟୁ ତାଲା ପକାଇ ପଳାଇଛନ୍ତି। ଏନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। କଲୋନୀର ଶିବ ପ୍ରସାଦ ଦାସ, ମୋହନ ମଲିକ ଏବଂ ଭୀମସେନ ନାୟକଙ୍କ ଘରେ ଦୁର୍ବୃତ୍ତ ପଶି କଳାକନା ବୁଲାଇଛନ୍ତି। ଶିବପ୍ରସାଦ ଘରେ ନଥିବା ବେଳେ ଚୋରି ହୋଇଛି। ତାଙ୍କ ଘରର ୩ଟି ତାଲା ଭାଙ୍ଗି ଦୁର୍ବୃତ୍ତ ଚୋରି କରି ନେଇଥିବାବେଳେ ଅନ୍ୟ ୨ ଜଣଙ୍କ ଝରକା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାଗହଣା, ଆସବାବପତ୍ର ଓ ଟଙ୍କା ଆଦି ଲୁଟି ନେଇଥିଲେ। କୋରେଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ସ୍ୱଦେଶ ଦର୍ଶନ ଯୋଜନାରୁ ହୀରକ ତ୍ରିଭୁଜ ବାଦ୍

## କେନ୍ଦ୍ର ସରକାରଙ୍କ ଅଣଦେଖା

ଯାଜପୁର ଅଫିସ,୨୦।୧୦

କେନ୍ଦ୍ର ପର୍ଯ୍ୟଟନ ବିଭାଗର ସ୍ୱଦେଶ ଦର୍ଶନ ଯୋଜନାରୁ ଯାଜପୁର ଜିଲାର ପ୍ରସିଦ୍ଧ ହୀରକ ତ୍ରିଭୁଜ ଭାବେ ପରିଚିତ ରତ୍ନଗିରି, ଉଦୟଗିରି ଓ ଲଳିତଗିରି ବାଦ୍ ପଡିଛି। ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ପର୍ଯ୍ୟଟନ ଋତୁ ଆରମ୍ଭ ପୂର୍ବରୁ ଚଳିତ ଅକ୍ଟୋବରରେ ଦେଶର ବିଭିନ୍ନ ବୌଦ୍ଧ କ୍ଷେତ୍ରର ବିକାଶ ପାଇଁ ସ୍ୱଦେଶ ଦର୍ଶନ ଯୋଜନାରେ ୩୨୫.୫୩କୋଟିଟଙ୍କାର ୫ଟି ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି । ଏଥିରେ କେବଳ ବିହାର, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଓ ଗୁଜୁରାଟର ବିଭିନ୍ନ ବୌଦ୍ଧ କୀର୍ତ୍ତିରାଜିକୁ ସାମିଲ କରାଯାଇଛି। କିନ୍ତୁ ଓଡ଼ିଶାର ବୌଦ୍ଧ କୀର୍ତ୍ତିରାଜିରେ ବିଶ୍ୱ ବିଖ୍ୟାତ ଯାଜପୁର ଓ କଟକ ଜିଲାର ହୀରକ ତ୍ରିଭୂଜକୁ ଏହି ମହତ୍ତ୍ୱପୂର୍ଣ୍ଣ କେନ୍ଦ୍ରୀୟ ଯୋଜନାରୁ ବାଦ୍ ଦିଆଯାଇଛି ।

ଦେଶର ବୌଦ୍ଧ ପର୍ଯ୍ୟଟନ କ୍ଷେତ୍ରକୁ ବିକଶିତ କରିବା ପାଇଁ ଚଳିତ ଅକ୍ଟୋବର ୪ ରୁ ୮ ତାରିଖ ପର୍ଯ୍ୟନ୍ତ ବୁଦ୍ଧିଷ୍ଟ ସର୍କିଟ୍ ଟ୍ରେନ ଫେମ୍ ଟୁର୍ ଓ ଆନ୍ତର୍ଜାତିକ ସମ୍ମିଳନୀର ଆୟୋଜନ ହୋଇଛି। ବିହାରର ବିଖ୍ୟାତ ବୌଦ୍ଧପୀଠ ବୋଧଗୟା ଏବଂ ଉତ୍ତରପ୍ରଦେଶର ବାରଣାସୀକୁ ଏହି ଫୋକସ୍‌ରେ ରଖାଯାଇଛି। ସେହିଭଳି ବୁଧବାର ତଥା ୨୦ ତାରିଖରେ ତଥାଗତ ଗୌତମ ବୁଦ୍ଧଙ୍କ ପରିନିର୍ବାଣସ୍ଥଳ କୁଶୀନଗରଠାରେ ଭାରତର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ନୂତନ କୁଶୀନଗର ଆନ୍ତର୍ଜାତିକ ବିମାନ ବନ୍ଦରର ମଧ୍ୟ ଶୁଭାରମ୍ଭ କରାଯାଇଛି। ଶ୍ରୀଲଙ୍କାରୁ ବୌଦ୍ଧ ଗବେଷକ, ବୌଦ୍ଧଭିକ୍ଷୁ ଓ ବୌଦ୍ଧ ଧର୍ମାବଲମ୍ବୀଙ୍କୁ ନେଇ ୧୨୩ ଜଣିଆ ଏକ ଦଳ ସେହି ନବନିର୍ମିତ ବିମାନ ବନ୍ଦରରେ ଅବତରଣ କରି ବୌଦ୍ଧକ୍ଷେତ୍ର ପରିଦର୍ଶନ କରିଛନ୍ତି । କିନ୍ତୁ ଓଡ଼ିଶାର ହୀରକ ତ୍ରିଭୁଜକୁ ଏହି ଯୋଜନାରୁ ବାଦ୍ ଦେବା କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବର ପରିଚାୟକ ବୋଲି ମତପ୍ରକାଶ ପାଇଛି।

ଦେଶର ଅନ୍ୟ ରାଜ୍ୟରେ ଥିବା ବୌଦ୍ଧ ପର୍ଯ୍ୟଟନ ସ୍ଥଳଗୁଡ଼ିକର ଯେଭଳି ବିକାଶ ହେଉଛି ତାହା ଓଡ଼ିଶାରେ ହୋଇ ପାରୁନାହିଁ। ବିଖ୍ୟାତ ବୌଦ୍ଧପୀଠ ଲଳିତଗିରିଠାରେ ତଥାଗତ ଗୌତମ ବୁଦ୍ଧଙ୍କ ପବିତ୍ର ରେଲିକ୍ସ କାସ୍‌କେଟ, ଉଦୟଗିରିଠାରେ ବିରଳ ଦ୍ୱିତଳ ବୌଦ୍ଧ ମହାବିହାର ଓ ମହାସ୍ତୁପ ଏବଂ ରତ୍ନଗିରିଠାରେ ପ୍ରାଚୀନ ବୌଦ୍ଧ ବିଶ୍ୱ ବିଦ୍ୟାଳୟ ଭଳି ଅନେକ ବିଶ୍ୱବିରଳ କୀର୍ତ୍ତିରାଜି ଆବିଷ୍କୃତ ହୋଇଛି । କିନ୍ତୁ ଏହି ପୀଠଗୁଡ଼ିକର ଆନୁଷଙ୍ଗିକ ବିକାଶ ସହିତ ଏହାକୁ ଆକର୍ଷଣୀୟ ବୌଦ୍ଧ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିବାକୁ କୌଣସି ମାଷ୍ଟର ପ୍ଲାନ୍ କରାଯାଇନାହିଁ। ତେଣୁ ଏସବୁର ସର୍ବାଙ୍ଗୀନ ବିକାଶ କରିବାକୁ ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟର ଅଧ୍ୟକ୍ଷ ଶରତଚନ୍ଦ୍ର ପ୍ରଧାନ, ଯାଜପୁର ଜିଲା ସଂସ୍କୃତି ପରିଷଦ ସଦସ୍ୟ ଶୁଭେନ୍ଦୁ କୁମାର ଭୂୟାଁ ଓ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ଦାବି କରିଛନ୍ତି।





ଧର୍ମଶାଳା ବ୍ଲକର ଗଡ଼ମଧୁପୁର ଗାଁରେ ପୂଜା ପାଉଥିବା ଗଜଲକ୍ଷ୍ମୀ।

### କୁମାରୀ ପାଳିଲେ କୁମାର ଉତ୍ସବ

ବାଲିଚନ୍ଦ୍ରପୁର,୨୦।୧୦(ସ୍ୱ.ପ୍ର.)

ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ଅଞ୍ଚଳରେ ବିଭିନ୍ନ ଗ୍ରାମରେ କୁମାରୀମାନେ କୁମାର ପୂର୍ଣ୍ଣମୀ ଉତ୍ସବ ପାଳନ କରିଛନ୍ତି। ମା'ବୃନ୍ଦାବତୀଙ୍କୁ ସକାଳୁ ସ୍ନାନ କରାଇବା ପରେ ତୁଳିଧରି କୁମାରୀମାନେ ମା'ଙ୍କୁ ବିଭିନ୍ନ ରଙ୍ଗରେ ସଜ୍ଜିତ କରିଥିଲେ। ସନ୍ଧ୍ୟାରେ ମା'ବୃନ୍ଦାବତୀଙ୍କ ନିକଟରେ ଭୋଗଲାଗି କରିବା ସହ ଧୂପ ଦୀପ ନୈବିଦ୍ୟ ଦେଇ ପୂଜା କରିଥିଲେ। ବାଲିଚନ୍ଦ୍ରପୁର ଓ ବାହାଦୁର ନଗର ଗ୍ରାମର କୁମାରୀମାନେ ଏହି ଉତ୍ସବକୁ ପାଳନ କରିଛନ୍ତି।

# ସଦାନନ୍ଦପୁରରେ କଇଁଫୁଲ କୋଠିର ସମ୍ଭାର

## ହଜିଯାଉଛି ପରମ୍ପରା, କଇଁଫୁଲ ପାଖୁଡାର ସ୍ଥାନ ନେଉଛି ରାସାୟନିକ ରଙ୍ଗ

ରସୁଲପୁର,୨୦।୧୦(ଡି.ଏନ.ଏ.)

ରସୁଲପୁର ବ୍ଲକ ରାହାମା ପଞ୍ଚାୟତ ସଦାନନ୍ଦପୁର ଗାଁରେ କୁମାର ପୂର୍ଣ୍ଣମୀରେ କୁମାରୀମାନେ କଇଁଫୁଲ ପାଖୁଡ଼ାରେ କୋଠି ପ୍ରସ୍ତୁତ କରିବାର ପରମ୍ପରା ବହୁ ପୁରୁଣା। ଗାଁ ଦାଣ୍ଡରେ ପ୍ରସ୍ତୁତ କୋଠି ଦ୍ୱାପରଯୁଗୀୟ କଳାକୃତିର ଜ୍ୱଳନ୍ତ ନିଦର୍ଶନ ଦେଇଥାଏ। କଇଁଫୁଲ ପାଖୁଡାରେ ପ୍ରସ୍ତୁତ କୋଠି ଉପରେ ପୂର୍ଣ୍ଣମୀ ଜହ୍ନ ଆଲୁଅ ପଡ଼ିଲେ ତାହା ବିଶେଷ ଆକର୍ଷଣୀୟ ଦେଖାଯାଇଥାଏ। ତେବେ ଏଠାରେ ଏ ସବୁ ପରମ୍ପରାକୁ ବଜାଇ ରଖିବା ପାଇଁ କୋଠି ପ୍ରସ୍ତୁତ କରାଯାଉଛି। ହେଲେ କୋଠିରେ ପୁରୁଣା ଚମକ ଆଉ ଦେଖିବାକୁ ମିଳୁନାହିଁ। କୋଠିରେ ବ୍ୟବହୃତ କଇଁଫୁଲ ପାଖୁଡ଼ାର ସ୍ଥାନ ନେଇଛି ରାସାୟନିକ ରଙ୍ଗ। ଏହି ରଙ୍ଗ ବ୍ୟବହାରକରି କୁମାରୀମାନେ କୋଠି ପ୍ରସ୍ତୁତ କରୁଛନ୍ତି। ଆବଶ୍ୟକ କଇଁଫୁଲ ମିଳୁ ନ ଥିବାରୁ ରଙ୍ଗରେ କୋଠି ପ୍ରସ୍ତୁତ କରାଯାଉଛି ବୋଲି କୁମାରୀମାନେ ମତ ରଖନ୍ତି।



କଇଁଫୁଲ ପାଖୁଡ଼ାରେ ତିଆରି ହୋଇଥିବା କୋଠି।

ତେବେ ଧଳା ଫୁଲ ପାଖୁଡାର ଅଭାବ ଯୋଗୁଁ କୋଠିଗୁଡିକ ଚମକ ହରାଉଛି। ରାତିରେ କୋଠିର ସୌନ୍ଦର୍ଯ୍ୟକୁ ଆକର୍ଷିତ କରିବା ପାଇଁ କୋଠି ପ୍ରସ୍ତୁତକାରୀମାନେ ବିଜୁଳି ଆଲୁଅର ସହାୟତା ନେଉଛନ୍ତି। କୋଠି ଗୁଡିକ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ବାନ୍ଧ କାବ୍ୟରେ ବର୍ଣ୍ଣିତ କୋଠିକଳା ଆଧାରରେ ଏଠି କୋଠି ପ୍ରସ୍ତୁତ ହୁଏ। ଏବେ ପ୍ରସ୍ତୁତ କୋଠିରେ ବାନ୍ଧ୍ୟକାବ୍ୟ କେବଳ ଝଲକ ଦେଖାଯାଉଛି। ହେଲେ କୋଠିରେ ଆଧୁନିକତାର କଳାକୃତି ଅଧିକା ଦେଖିବାକୁ ମିଳୁଛି। ପୁରାଣ ବର୍ଣ୍ଣନା ଅନୁଯାୟୀ ଏହି ଉତ୍ସବରେ ପ୍ରଭୁ ଶ୍ରୀକୃଷ୍ଣ ପାଳଭୂତ ବେଶରେ କିଭଳି କୁମାରରୀଙ୍କୁ ଡରାଉଥିଲେ ଏଠି ତାକୁ ନିଖୁଣ ଭାବରେ ପାଳନ କରାଯାଉଥିଲା। ଏବେ କେବଳ ପରମ୍ପରା ଅନୁଯାୟୀ ପାଳଭୂତ ନିର୍ମାଣ କରାଯାଉଛି। ପୂର୍ବଭଳି କୁମାରୀମାନଙ୍କ କୁଆଁର ପୁନେଇ ଗୀତ ସ୍ୱର ଶୁଣିବାକୁ ମିଳୁ ନାହିଁ। ଗାଁର ପୁରୁଖା ବ୍ୟକ୍ତି ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କୁ ପଚାରିବାରୁ କୋଠି ପରମ୍ପରା ବାନ୍ଧକାବ୍ୟରୁ ଉଦ୍ଧୃତ। ସେଥିରେ ବର୍ଣ୍ଣିତ ବାନ୍ଧକଳା ଅନୁସାରେ କୋଠି ପ୍ରସ୍ତୁତ କରାଯାଏ। କେଉଁ କୋଠିରେ କେତେ ଛାନ୍ଦ ଥାଏ ତାକୁ କୋଠି ପ୍ରସ୍ତୁତକାରୀଙ୍କୁ ଜଣାଥାଏ। ତେବେ ସେହି କଳା ଏବେକାର ପିଲାଙ୍କ ଠାରେ ଦେଖିବାକୁ ମିଳୁନାହିଁ। କେବଳ ପରମ୍ପରାକୁ ସମ୍ମାନ ଜଣାଇ ଏହି ପର୍ବ ପାଳନ କରାଯାଉଛି ବୋଲି ମତ ରଖଛନ୍ତି।

# ଖଣି ନିଗମ ଖର୍ଚ୍ଚ କରିବ ୫ କୋଟି

କାଳିଆପାଣି,୨୦।୧୦(ଡି.ଏନ.ଏ.)

ଦୁଇ ବର୍ଷ ତଳେ ଦୈତାରୀ ଲୌହ ଖଣି ପାଇଁ ସୁକିନ୍ଦା ଅଞ୍ଚଳରେ ଥିବା କିଛି ଜଙ୍ଗଲ ଜମିକୁ ଅଣ ଜଙ୍ଗଲ ଜମିରେ ପରିଣତ ନିମନ୍ତେ ଖଣି ନିଗମ ପକ୍ଷରୁ ପଲ୍ଲିସଭା କରାଯାଇଥିଲା। ସେତେବେଳେ ଖଣି ନିଗମ ପକ୍ଷରୁ ସୁକିନ୍ଦା ନିର୍ବାଚନମଣ୍ଡଳୀର ଖଣି ପ୍ରଭାବିତ ୧୪ ପଞ୍ଚାୟତର ପାରିପାର୍ଶ୍ୱିକ ଉନ୍ନୟନ ଯୋଜନାରେ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବିଭିନ୍ନ ପ୍ରକଳ୍ପ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ପଲ୍ଲିସଭାକୁ ୨ ବର୍ଷ ବିତିଯାଇଥିଲେ ମଧ୍ୟ କରୋନା ଆଳ ଦେଖାଇ ନିଗମ ଦିନ ଗଡ଼ାଇ ଚାଲିଥିଲା। ସ୍ଥାନୀୟ ଶ୍ରମିକ ସଂଘ ଓ ବିଧାୟକଙ୍କ ବହୁ ଦାବି ପରେ ଖଣି ପରିଚାଳନା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ଦୈତାରୀ ଲୌହଖଣିର ନିର୍ମାଣ ବିଭାଗ ବରିଷ୍ଠ ପରିଚାଳକ ପ୍ରଫୁଲ୍ଲ ସାହୁ, ପ୍ରଶାସନିକ ଅଧିକାରୀ ଦେବାଶିଷ ସାମଲଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ କାଳିଆପାଣି ଅଞ୍ଚଳରେ ପହଞ୍ଚି ସ୍ଥାନୀୟ ଜନପ୍ରତିନିଧି ଓ ଶ୍ରମିକ ସଂଘ ସହ ଆଲୋଚନା କରିଥିଲେ। ଖଣି ନିଗମ ଅତିଥିଶାଳାରେ ହୋଇଥିବା ବୈଠକରେ ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ଅଧ୍ୟକ୍ଷତା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଅନ୍ୟୂନ୍ୟ ୫ କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ କରିବାକୁ ଜନପ୍ରତିନିଧି ଅନୁରୋଧ କରିଥିଲେ। ଖଣି କର୍ତ୍ତୃପକ୍ଷ ସମ୍ମତି ପ୍ରକାଶ କରିଥିଲେ। ବୈଠକରେ ପୂର୍ବତନ ବ୍ଲକ ଅଧ୍ୟକ୍ଷା ଭଗବତୀ ମହାନ୍ତ, ଜିଲାପରିଷଦ ସଭ୍ୟ ପ୍ରତାପ ପାତ୍ର, ରାଁସୋଳ ସରପଞ୍ଚ ବିଶ୍ୱଜିତ ମହାନ୍ତି ଓ ଟିଙ୍ଗୁଡ଼ିପାଳ ସରପଞ୍ଚ ନୀଳେନ୍ଦ୍ରି ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

### ମୁକୁନ୍ଦପୁରରେ ମହାଲକ୍ଷ୍ମୀ ପୂଜା



ଜେନାପୁର,୨୦।୧୦(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଚକ୍ରଧରପୁର ପଞ୍ଚାୟତ ଅଧୀନ ମୁକୁନ୍ଦପୁର ଗ୍ରାମର ଡୁବୁରି ସାହିରେ ମହାଲକ୍ଷ୍ମୀଙ୍କ ୨୪ତମ ବାର୍ଷିକ ଉତ୍ସବ ଆରମ୍ଭ ହୋଇଛି। ପୂଜା କମିଟି ସଭାପତି ଭୀମ ପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩ଦିନ ଧରି ଯଜ୍ଞ ଆହୁତି, ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉତ୍ସବରେ କର୍ତ୍ତା ଭାବେ ଅମୂଲ୍ୟ ଘଡ଼ାଇ ଓ ବାବୁଲି ସ୍ୱାଇଁ ଦାୟିତ୍ୱ ତୁଲାଉଛନ୍ତି। ଗ୍ରାମବାସୀ ଏହାକୁ ପରିଚାଳନାରେ ସହଯୋଗ କରୁଛନ୍ତି। ଗୁରୁବାର ପୂଜା ସମାପ୍ତି ହେବ। ସେହିପରି ଜେନାପୁର ଓ କବାଟ ବନ୍ଧ ଅଞ୍ଚଳରେ ମହାଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି।

# ବାଲିଚନ୍ଦ୍ରପୁର ଗଜଲକ୍ଷ୍ମୀ ପୂଜା ଆରମ୍ଭ



ବାଲିଚନ୍ଦ୍ରପୁର ଶ୍ୟାମସୁନ୍ଦର ବଜାର କମିଟିର ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।

ଚଣ୍ଡିଖୋଲ,୨୦।୧୦(ଡି.ଏନ.ଏ.)

୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବାଲିଚନ୍ଦ୍ରପୁରଠାରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଆସୁଛି। ଚଳିତ ବର୍ଷ କୋଭିଡ୍ କଟକଣା ଭିତରେ ମଣ୍ଡପଗୁଡ଼ିକରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଥିଲେ ମଧ୍ୟ ଭକ୍ତ ଶୂନ୍ୟ ପାଇଁ ବଜାର ଖାଁଖାଁ ଦେଖାଯାଉଛି। ଏହି ଅଞ୍ଚଳରେ ମଙ୍ଗଳବାରଠାରୁ ୧୫ରୁ ଊର୍ଦ୍ଧ୍ୱ ମଣ୍ଡପରେ ପୂଜା ଆରମ୍ଭ ହୋଇଛି। ପାରମ୍ପରିକ ବିଧି ରକ୍ଷା କରି ମା'ଙ୍କୁ ଆରାଧନା କରାଯାଉଥିବାବେଳେ କୌଣସି ବାହାର ସାଜସଜ୍ଜା କରାଯାଇନାହିଁ। ପୂର୍ବରୁ ଏଠାରେ ୧୧ଦିନ ପୂଜା ଅନୁଷ୍ଠିତ ହୋଇଥିଲାବେଳେ ଗତ ବର୍ଷଠାରୁ କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ୭ଦିନ ମା'ଙ୍କ ପୂଜା କରାଯାଉଛି। ଏହି ବଜାରର ଶ୍ୟାମସୁନ୍ଦର ବଜାର ପୂଜାକମିଟି, ଲକ୍ଷ୍ମୀ ବଜାର, କୁଆଁପାଳ ରୋଡ୍, ପୁରୁଣା ସିନେମା ହଲ ରୋଡ୍, ପରିବା ମାର୍କେଟ, ବ୍ୟାଙ୍କ ରୋଡ୍, ଜାତୀୟ ରାଜପଥ ଛକ, ସରସ୍ୱତୀ ବଜାର, ପତରାଜ ପୁର ଆଦି ବିଭିନ୍ନ ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଚାଲୁ ରହିଛି। ଭକ୍ତଶୂନ୍ୟ ହୋଇ ପଡ଼ିଥିବା ହେତୁ ପୂଜା କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ସେପରି ଉତ୍ସାହ ପରିଲକ୍ଷିତ ହେଉନାହିଁ।

# ମମିତା ହତ୍ୟାକାଣ୍ଡ ନେଇ ପ୍ରତିବାଦ

ଯାଜପୁର ଟାଉନ,୨୦।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ସନ୍‌ସାଇନ୍ ସ୍କୁଲର ଅଧ୍ୟକ୍ଷା ମମିତା ବେହେରା ହତ୍ୟାକାଣ୍ଡ ପ୍ରତିବାଦରେ ଅଲ୍ ଇଣ୍ଡିଆ ଡିଏସ୍‌ଓ, ଏମ୍‌ଏସ୍‌ଏସ୍ ଏବଂ ଡିୱାଇଓ ପକ୍ଷରୁ ଯାଜପୁର ସଦର ମହକୁମାଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ସହରର ଗାନ୍ଧୀ ଛକ ଏବଂ ମେଡିକାଲ ଛକଠାରେ ଆୟୋଜିତ ପ୍ରତିବାଦ ସଭାରେ ଅଲ୍ ଇଣ୍ଡିଆ ଡିଏସ୍‌ଓର ରାଜ୍ୟ ସମ୍ପାଦକ ସୁବାସ ନାୟକ, ଏମ୍‌ଏସ୍‌ଏସ୍‌ର ଜିଲା ସମ୍ପାଦିକା ତରଙ୍ଗିଣୀ ଦାସ, ଉପସଭାନେତ୍ରୀ ସୁଲୋଚନା ପ୍ରଧାନ ଡିୱାଇଓ ଜିଲା କୋଷାଧ୍ୟକ୍ଷ ଜଗବନ୍ଧୁ ମଲ୍ଲିକ, ସଂଯୁକ୍ତା ସାହୁ, ଦମୟନ୍ତୀ ମୁଦୁଲି, ମଧୁସ୍ମିତା ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମମିତା ହତ୍ୟାକାଣ୍ଡ ପରି ଏକ ନିନ୍ଦନୀୟ ଏବଂ ଲୋମହର୍ଷଣକାରୀ ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରି ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ପାଇଁ ବକ୍ତାମାନେ ଦାବି କରିଥିଲେ। ଏଥିସହିତ ରାଜ୍ୟରେ ଅଶ୍ଳୀଳ ସଂଗୀତ, ଚଳଚ୍ଚିତ୍ର, ମଦ ମାଦକ ଦ୍ରବ୍ୟର ପ୍ରଚାର ପ୍ରସାର ବନ୍ଦ ପାଇଁ ସରକାର ତୁରନ୍ତ ପଦକ୍ଷେପ ନ ନେଲେ ଏବଂ ୱେବସାଇଟ୍‌ରୁ ଅଶ୍ଳୀଳ ଚିତ୍ର ଓ ବିଷୟକୁ ନ ହଟାଇଲେ ରାଜ୍ୟରେ ଦୁର୍ବାର ଗଣ ଆନ୍ଦୋଳନ ହେବ ବୋଲି ବକ୍ତାମାନେ ଚେତାବନୀ ଦେଇଥିଲେ।

### ବ୍ୟବସାୟୀଙ୍କୁ ଆକ୍ରମଣ ଘଟଣା, ୨ କୋର୍ଟଚାଲାଣ

ରସୁଲପୁର,୨୦।୧୦(ଡି.ଏନ.ଏ.)

କୁଆଖିଆ ଥାନା ନଠୁଆବର ପଞ୍ଚାୟତ ମଠସାହି ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ମହାରଣା ଓ ତାଙ୍କ ୨ପୁଅ ସିକୁନ ମହାରଣା ଏବଂ ଟିକୁନ ମହାରଣା(୩୦) ମଧୁବନ ଅଞ୍ଚଳର ଜଣେ କାଠ ବ୍ୟବସାୟୀଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଘଟଣାର ମାସକପରେ ପୋଲିସ ଅଭିଯୁକ୍ତ ସିକୁନ ଓ ଟିକୁନଙ୍କୁ ସୁନ୍ଦରଗଡ଼ ଜିଲା ଟେନସା ଅଞ୍ଚଳରୁ ଗିରଫ କରିବା ପରେ କୋର୍ଟଚାଲାଣ କରିଛି। ଅନ୍ୟ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ଏବେ ବି ଫେରାର ଅଛନ୍ତି। ପାଣିକୋଇଲି ଥାନା ହାଟସାହି ଟିକର ଗ୍ରାମର ଜୟପ୍ରକାଶ ମହାନ୍ତି ମଧୁବନ ଅଞ୍ଚଳରେ ରହି କାଠ ଓ ବାଉଁଶ ବ୍ୟବସାୟ କରନ୍ତି। ବ୍ୟବସାୟକୁ ନେଇ ଜୟପ୍ରକାଶ ଓ ପୂର୍ଣ୍ଣଚନ୍ଦ୍ରଙ୍କ ମଧ୍ୟରେ ଶତ୍ରୁତା ହୋଇଥିଲା। ଏହାକୁ କେନ୍ଦ୍ରକରି ସେପ୍ଟେମ୍ବର ୨୦ରେ ଅଭିଯୁକ୍ତଙ୍କ ଦୁଇ ପୁଅ ଏକ ବାଇକ୍‌ରେ ଆସି ଜୟପ୍ରକାଶଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ କାଠ ବ୍ୟବସାୟୀ ଗୁରୁତର ହୋଇପଡ଼ିଥିଲେ। ଘଟଣା ଘଟାଇ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏନେଇ କାଠ ବ୍ୟବସାୟୀ ଥାନାରେ ଅଭିଯୋଗ କରିବାରୁ କୁଆଖିଆ ପୋଲିସ ନଂ.୩୧୬/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତ ଅଧିକାରୀ ଏସ୍‌ଆଇ ଅନିତା ପ୍ରଧାନ ଅଭିଯୁକ୍ତମାନେ ସୁନ୍ଦରଗଡ଼ ଜିଲା ଟେନସା ଅଞ୍ଚଳର ତାଙ୍କ ଜଣେ ସମ୍ପର୍କୀୟଙ୍କ ଘରେ ରହୁଥିବା ଖବର ପାଇଥିଲେ। ଏହାପରେ ତଦନ୍ତକାରୀ ଅଧିକାରୀ ପ୍ରଧାନଙ୍କ ନେତୃତ୍ୱରେ ଏସ୍‌ଆଇ ପ୍ରଶାନ୍ତ ଦାଶଙ୍କ ସମେତ ଏକ ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲେ।

# ଅପହୃତାଙ୍କୁ ଧରି ପୋଲିସର ତଦନ୍ତ ଆରମ୍ଭ

## ଛତିଶଗଡ଼ରୁ ମା' ପୁଅ ଉଦ୍ଧାର ଘଟଣା

ଚଣ୍ଡିଖୋଲ,୨୦।୧୦(ଡି.ଏନ.ଏ.)

ବାଲିଚନ୍ଦ୍ରପୁର ଥାନା କୃଷ୍ଣପୁର ଶାସନ ଗ୍ରାମର ମା' ଓ ପୁଅଙ୍କୁ ବାଲିଚନ୍ଦ୍ରପୁର ବଜାରରୁ ୧୨ ତାରିଖରେ ଅପହରଣ କରି ନିଆଯାଇଥିଲା। ସେମାନଙ୍କୁ ୧୪ ତାରିଖରେ ଛତିଶଗଡ଼ର ସରେଇପଲୀ ଥାନା ଅଞ୍ଚଳରୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତେବେ ଉକ୍ତ ଘଟଣାକୁ ୯ଦିନ ବିତିଯାଇଥିଲେ ବି ଏ ପର୍ଯ୍ୟନ୍ତ ଅପହରଣକାରୀଙ୍କ ସମ୍ପର୍କରେ ପୋଲିସ ସୁରାଗ ପାଇପାରିନାହିଁ। ବୁଧବାର ଏହି ଘଟଣାରେ ତଦନ୍ତକାରୀ ଅଧିକାରୀ ଥିବା ଥାନା ଏଏସ୍‌ଆଇ ଗିରିଶ ଚନ୍ଦ୍ର ମହାନ୍ତି ଉଭୟ ମା'ପୁଅଙ୍କୁ ଡାକି ବାଲିଚନ୍ଦ୍ରପୁର ବଜାରର କେଉଁକେଉଁ ସ୍ଥାନକୁ ସେମାନେ ଯାଇଥିଲେ ଓ କେଉଁ ସ୍ଥାନରୁ ଅପହୃତ ହୋଇଥିଲେ ସେ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି।

ମହିଳା ଏକ ସ୍କୁଟିରେ ଆସି ଜାତୀୟ ରାଜପଥ କଡ଼ରେ ଥିବା ଗ୍ୟାରେଜ୍‌ରେ ସ୍କୁଟି ମରାମତି କରିବାକୁ ଦେଇଥିଲେ। ସେଠାରୁ କେଉଁକେଉଁ ସ୍ଥାନକୁ ଯାଇଥିଲେ ଓ ଶେଷରେ ସେ କୁଆଁପାଳ ରୋଡ଼କୁ ଔଷଧ ଆଣିବାକୁ ଯାଇଥିବା ବେଳେ କିପରି ଅପହରଣ ହୋଇଥିଲେ ଏ ସବୁର ସମ୍ପୂର୍ଣ୍ଣ ସ୍ଥାନଗୁଡ଼ିକ ମହିଳା ଚିହ୍ନଟ କରିଥିଲେ। ମହିଳାଙ୍କ ବୟାନ ଅନୁଯାୟୀ ସେ କୁଆଁପାଳ ରୋଡ଼ରେ ଔଷଧ କିଣିବାକୁ ଯାଇଥିବା ବେଳେ ତାଙ୍କୁ ଜଣେ ପୋଲିସ ପୋଷାକଧାରୀ ବ୍ୟକ୍ତି ଡାକି ଥିଲେ। ସେଠାରେ ପୂର୍ବରୁ ଏକ ବୋଲେରୋ ଗାଡ଼ି ଠିଆ ହୋଇଥିଲା। ବୋଲେରେ ମଧ୍ୟରେ ତମକୁ କିଏ ଡାକୁଛନ୍ତି ଯାଇ ଦେଖା କର ବୋଲି ସମ୍ପୃକ୍ତ ପୋଲିସ କର୍ମଚାରୀ ଜଣକ କହିଥିଲେ। ମହିଳା ସେଠାକୁ ନ ଯିବାରୁ ପୁନର୍ବାର ଚଢା ଗଳାରେ ପୋଲିସ ପୋଷାକ ଧାରୀ ବ୍ୟକ୍ତି ଜଣକ ତାଙ୍କୁ ତାଗିଦ କରିଥିଲେ। ଭୟଭିତ ହୋଇ ସେ ବୋଲେରୋ ନିକଟକୁ ଯାଇ ଦେଖନ୍ତିତ ବୋଲେରରେ ତିନି ବ୍ୟକ୍ତି ବସିଥିଲେ। ସଙ୍ଗେସଙ୍ଗେ ମହିଳା ଓ ତାଙ୍କର ପୁଅ ମୁହଁକୁ ବିଷାକ୍ତ ଜିନିଷ ସ୍ପ୍ରେ କରିଦେବା ଦ୍ୱାରା ସେ କିଛି ଜାଣିପାରି ନଥିଲେ। ଚେତା ଆସିଲା ବେଳକୁ ଛତିଶଗଡ଼ର ଏକ ମେଡିକାଲରେ ଥିବା ଜାଣିପାରିଥିଲେ। କିଏ ଓ କାହିଁକି ମା'ପୁଅଙ୍କୁ ଅପହରଣ କରି ଅନ୍ୟ ରାଜ୍ୟରେ ଫିଙ୍ଗିଦେଇଲେ ତାହା ରହସ୍ୟ ହୋଇ ରହିଛି। ଏସମ୍ପର୍କରେ ତଦନ୍ତକାରୀ ଅଧିକାରୀ ମହାନ୍ତି କୁହନ୍ତି, ଅପହରଣର ସମୟ ଓ ସ୍ଥାନ ଚିହ୍ନଟ ପରେ ଅନ୍ୟମାନଙ୍କ ମୋବାଇଲ ଟ୍ରାକିଂ କରାଯିବାକୁ ଯୋଜନା ରହିଛି।

# ଜୀବନ ନେବ ରାସ୍ତାକଡ଼ ଗର୍ତ୍ତ

ଧର୍ମଶାଳା,୨୦।୧୦(ଡି.ଏନ.ଏ.)

ଧର୍ମଶାଳା ବ୍ଲକର ଜାରକା ଦେଇ ଯାଇଥିବା ୧୬ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବାରୁ ଲୋକେ ନାହିଁ ନ ଥିବା ହିନସ୍ତା ଭୋଗୁଛନ୍ତି। ଠିକା ସଂସ୍ଥା ପକ୍ଷରୁ ୧ ବର୍ଷ ହେଲା ଜାରକାଠାରେ ଫ୍ଲାଇ ଓଭର ନିର୍ମାଣ କାର୍ଯ୍ୟ ଚାଲିଥିଲେ ମଧ୍ୟ ସରିବାର ନାଁ ଧରୁନାହିଁ। ଫଳରେ ଗାଡ଼ିଗୁଡିକ ବାଇପାସ ରାସ୍ତା ଦେଇ ଯାତାୟାତ କରୁଛି। ବଜାର ଏରିଆରେ ପ୍ରତ୍ୟହ ଶହଶହ ସଂଖ୍ୟାରେ ହାଲୁକା ଓ ଭାରିଯାନ ଯାତାୟାତ କରିବା ଯୋଗୁ ରାସ୍ତାରେ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହୋଇ ଯାତାୟାତ ବାଧାପ୍ରାପ୍ତ ହେଉଛି। ସେହିପରି ଡ୍ରେନ୍ ନିର୍ମାଣ ପାଇଁ ସମ୍ପୃକ୍ତ ଠିକା ସଂସ୍ଥା ବାଇପାସ ରାସ୍ତା କଡ଼କୁ ଦୀର୍ଘମାସ ହେବ ଖୋଳି ପକାଇ ଦେଇଛି। ଫଳରେ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟି ଲୋକେ ଆହତ ହେଉଛନ୍ତି। ଆଗକୁ ଡ୍ରେନ୍ କାମ ନ ହେଲେ ଡ୍ରେନ ଉଦ୍ଦେଶ୍ୟରେ ରାସ୍ତା ପାର୍ଶ୍ୱରେ ଖୋଳା ଯାଇଥିବା ଗର୍ତ୍ତରେ ପଡ଼ି ଲୋକଙ୍କ ଜୀବନ ଯିବା ଆଶଙ୍କା ରହିଛି। ଅନ୍ୟପଟେ ଦାୟିତ୍ୱରେ ଥିବା ଠିକା ସଂସ୍ଥା ସ୍ଥାନୀୟ ଜନପ୍ରତିନିଧି, ପ୍ରଶାସନ ଓ ଜିଲା ପ୍ରଶାସନକୁ ହାତବାରିସି କରି କାର୍ଯ୍ୟରେ ଅବହେଳା କରୁଥିବା ଅଭିଯୋଗ ହେଉଛି।



ଡ୍ରେନ୍ ପାଇଁ ଖୋଳା ଯାଇଥିବା ଗର୍ତ୍ତ।

- ସରୁନି ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ
- ଗର୍ତ୍ତ ଖୋଳାରେ ସୀମିତ ଡ୍ରେନ୍ କାମ

ଲୋକଙ୍କ ସ୍ୱାର୍ଥକୁ ନଜରଅନ୍ଦାଜ କରି ନିଜସ୍ୱ ଫାଇଦା ପାଇଁ ସମ୍ପୃକ୍ତ ଠିକା ସଂସ୍ଥା କାମ କରୁଥିବା ନେଇ ଲୋକେ ଅଭିଯୋଗ କରିଛନ୍ତି, ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଦିନେ ନୁହେଁ କି ମାସେ ନୁହେଁ, ଦୀର୍ଘ ମାସ ଧରି ଏହି କାର୍ଯ୍ୟ ଚାଲିଥିବା ବେଳେ ସାଧାରଣ ଲୋକେ ହନ୍ତସନ୍ତ ହେଉଛନ୍ତି। ଶାସକ ଦଳ ଠିକା ସଂସ୍ଥା ସହିତ ସାମିଲ ହୋଇଥିବା ବେଳେ ବିରୋଧୀ ଦଳ ମଧ୍ୟ ସବୁ ଦେଖି ନିରବଦଷ୍ଟା ସାଜିଥିବା ଲୋକେ ଅଭିଯୋଗ କରୁଛନ୍ତି। ତେଣୁ ଆଗାମୀ ଦିନରେ ଏହାର ପ୍ରତିବାଦ କରିବା ପାଇଁ ବିରୋଧୀ ଦଳର ନେତାମାନେ ଏକାଠି ହେବାକୁ ସାଧାରଣରେ ଦାବି ହୋଇଛି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ପଚାରିବାରେ ତୁରନ୍ତ କାର୍ଯ୍ୟ ସାରିବାକୁ ଠିକା ସଂସ୍ଥାକୁ ତାଗିତ କରାଯାଇଥିବା ସେ ସୂଚନା ଦେଇଛନ୍ତି।

# ଗଞ୍ଜାମ ଜିଲା ପରିଷଦକୁ ନିର୍ବାଚିତ ହେବେ ୩୬ ମହିଳା

- ୨୪ ବର୍ଷ ପରେ ଅଧକ୍ଷ ପଦ ମହିଳାଙ୍କ ପାଇଁ ସଂରକ୍ଷିତ
- ୩ ଦଳ ମଧ୍ୟରେ ହେବ ଭୋଟ ଲଢ଼େଇ

ବ୍ରହ୍ମପୁର ଅଫିସ,୨୦।୧୦

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଜିଲା ପରିଷଦର ଗୁରୁତ୍ୱ ରହିଛି। ଜୋନ୍ ସଦସ୍ୟା ଓ ସଦସ୍ୟ ପାଇଁ ବିଭିନ୍ନ ରାଜନୈତିକ ଦଳର ଚିହ୍ନରେ ଲଢ଼ିବାର ବ୍ୟବସ୍ଥା ଅଛି। ଗଞ୍ଜାମରେ ୬୯ ଜିଲା ପରିଷଦ ଜୋନ୍ ଥିବାରୁ ରାଜ୍ୟରେ ଏହା ସର୍ବାଧିକ ବୋଲି କୁହାଯାଇଛି। ୨୦୨୨ ନିର୍ବାଚନରେ ପରିଷଦ ଅଧକ୍ଷା ପଦ ଅଣ ସଂରକ୍ଷିତ ବା ସାଧାରଣ ବର୍ଗର ମହିଳାଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିବା ପ୍ରକାଶିତ ସରକାରୀ ଚିଠା ସଂରକ୍ଷଣରେ ଦର୍ଶାଯାଇଛି। ତେଣୁ ଏବେଠୁ କେଉଁ ଦଳ କାହାକୁ ପ୍ରୋଜେକ୍ଟ କରିବ ସେନେଇ ଆରମ୍ଭ ହୋଇଛି ଚର୍ଚ୍ଚା।

ସୂଚନାଯୋଗ୍ୟ, ପୂର୍ବ ଗଞ୍ଜାମ ଜିଲା ବୋର୍ଡ ଉଚ୍ଛେଦ ହେବାର ୪ ଦଶନ୍ଧି ପରେ ନୂଆ ଜିଲା ପରିଷଦ ଗଠନ ହୋଇଥିଲା। ତାହା ପୁଣି ବିଜୁ ପଟ୍ଟନାୟକଙ୍କ ଜନତା ଦଳ ସରକାରରେ ୧୯୯୭ରେ ଆରମ୍ଭ କରାଗଲା। ପ୍ରଥମ ନିର୍ବାଚନରେ ଜିଲା ପରିଷଦ ଅଧକ୍ଷ ପଦ ମହିଳାଙ୍କ ପାଇଁ ସଂରକ୍ଷିତ ଥିଲା। ଦିଗପହଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀର ଗୋଟିଏ ଜୋନ୍‌ରୁ ରେଣୁବାଳା ପ୍ରଧାନ ଜନତା ଦଳରୁ ନିର୍ବାଚିତ ହୋଇଥିଲେ। ସଂଖ୍ୟା ଗରିଷ୍ଠତା ନ ଥାଇ ମଧ୍ୟ ସେତେବେଳର ବରିଷ୍ଠ ସିପିଆଇ ନେତା ସ୍ୱର୍ଗତ ଗୌରଚନ୍ଦ୍ର ପ୍ରଧାନ ତାଙ୍କ ଝିଅ ରେଣୁବାଳାଙ୍କୁ ଅଧକ୍ଷା କରିବା ନିମନ୍ତେ ଉଦ୍ୟମ କରିଥିଲେ। କମ୍ୟୁନିଷ୍ଟ, ଭାଜପା, ଜନତା ଦଳରୁ ନିର୍ବାଚିତ ସଦସ୍ୟା ଓ ସଦସ୍ୟଙ୍କୁ ଏକାଠି କରାଇ ସଫଳ ହେଲେ। ଖଲ୍ଲିକୋଟର ପ୍ରାକ୍ତନ ବିଧାୟକ ନାରାୟଣ ସାହୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଜିତିଥିଲେ। ତାଙ୍କୁ ମଧ ଗୌରଚନ୍ଦ୍ର ମେଣ୍ଟକୁ ଟାଣି ଆଣିଥିଲେ। ଭାଗବଣ୍ଟା ପ୍ରକାରେ ରେଣୁ ଜନତା ଦଳରୁ ଅଧକ୍ଷା ହୋଇଥିବା ବେଳେ ଭାଜପାରୁ ଧରାକୋଟ ରାଣୀ ଶାନ୍ତି ଦେବୀଙ୍କୁ ଉପାଧକ୍ଷା କରାଗଲା।

ମେଣ୍ଟ ରାଜନୀତିରେ ପୁରା ୫ ବର୍ଷ ଜିଲା ପରିଷଦ ଶାସନ ଚାଲିଥିଲା। ପରବର୍ତ୍ତୀ ୨୦୦୨, ୨୦୦୭, ୨୦୧୨ ଓ ୨୦୧୭ ନିର୍ବାଚନରେ ବିଜେଡିରୁ ନିର୍ବାଚିତ ପୁରୁଷମାନେ ପରିଷଦ ଅଧକ୍ଷ ହୋଇଥିଲେ। ୧୯୯୭ ରୁ ଦୀର୍ଘ ୨୪ ବର୍ଷ ପରେ ହେବାକୁ ଥିବା ଜିଲା ପରିଷଦ ନିର୍ବାଚନରେ ଅଧକ୍ଷା ପଦ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ୨୦୧୭ ନିର୍ବାଚନରେ ଅଧକ୍ଷ ପଦ ସାଧାରଣ ବର୍ଗଙ୍କ ପାଇଁ ସଂରକ୍ଷିତ ଥିବା ସତ୍ତ୍ୱେ ୧୯ନଂ. ଜୋନ୍‌ରୁ ନିର୍ବାଚିତ ଅନୁସୂଚିତ ଜାତିର ସୁବାସ ଚନ୍ଦ୍ର ବେହେରାଙ୍କୁ ବିଜେଡି ପକ୍ଷରୁ ଅଧକ୍ଷ କରାଯାଇଥିଲା। ସେ ୨୦୧୯ ସାଧାରଣ ନିର୍ବାଚନରେ ଛତ୍ରପୁର ବିଧାୟକ ହେବାରୁ ପଦ ଛାଡ଼ିବାକୁ ପଡ଼ିଥିଲା। ତେଣୁ ହୋଇଥିବା ଉପନିର୍ବାଚନରେ ଖଲ୍ଲିକୋଟ ବ୍ଲକ ଅଞ୍ଚଳରୁ ନିର୍ବାଚିତ ସଦସ୍ୟା ସୋନମ ପଲେଇ ଏବେ ଅଧକ୍ଷା ଅଛନ୍ତି। ପୁରୁଷୋତ୍ତମପୁର ବ୍ଲକରୁ ନିର୍ବାଚିତ ସ୍ନେହଲତା ପଣ୍ଡା ଉପାଧକ୍ଷା ହୋଇଛନ୍ତି।

ଜିଲାର ୬୯ ଜୋନ୍‌ରୁ ୨୦୧୭ ପଞ୍ଚାୟତ ନିର୍ବାଚନରେ ବିଜେଡିରୁ ସର୍ବାଧିକ ୬୪ ନିର୍ବାଚିତ ହୋଇଥିଲେ। ଭାଜପାରୁ ୪ ଓ କଂଗ୍ରେସରୁ ମାତ୍ର ଜଣେ ବାଚସ୍ପତିଙ୍କ ନିର୍ବାଚନ ମଣ୍ଡଳୀର କୁକୁଡ଼ାଖଣ୍ଡି ବ୍ଲକରୁ ଜିତିଥିଲେ। ସବୁ ପ୍ରକାର କୌଶଳ ପ୍ରୟୋଗ ସତ୍ତ୍ୱେ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଙ୍ଗେଇଲୁଣ୍ଡା ଓ କୁକୁଡ଼ାଖଣ୍ଡି ବ୍ଲକରୁ ୨ ଜଣ ଭାଜପାରୁ ନିର୍ବାଚିତ ହୋଇଥିଲେ। ତେଣୁ ଗୋପାଳପୁର ବିଧାନସଭା କ୍ଷେତ୍ରରେ ଗତ ପଞ୍ଚାୟତ ନିର୍ବାଚନରୁ ବିଜେଡି ସଂଗଠନ ଦୁର୍ବଳ ପ୍ରମାଣିତ ହୋଇଥିଲା। ୨୦୧୯ ସାଧାରଣ ନିର୍ବାଚନରେ ମଧ ଭାଜପା ପ୍ରାର୍ଥୀ ବିଭୁତି ଜେନା କଡ଼ା ମୁକାବିଲା କରିବାରୁ ଅଢ଼େଇ ହଜାର ଭୋଟ ବ୍ୟବଧାନରେ ବିଜେଡିରୁ ପ୍ରଦୀପ ପାଣିଗ୍ରାହୀ ଜିତିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେଡିକୁ ଟକ୍କର ଦେବା ପାଇଁ ଭାଜପା ଓ କଂଗ୍ରେସ ପ୍ରସ୍ତୁତ ହେଉଛି। ଏହା ଫଳରେ ୨୦୧୭ ନିର୍ବାଚନ ଭଳି ଶାସକ ଦଳକୁ ସଫଳତା ନ ମିଳିବାର ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଆଗାମୀ ନିର୍ବାଚନରେ ଜିଲାରୁ ୩୬ ମହିଳା ଜିଲା ପରିଷଦକୁ ନିର୍ବାଚିତ ହେବେ।

## ସଂକ୍ଷେପରେ

### ଦୁର୍ଗମ ଅଞ୍ଚଳରେ ମୋବାଇଲ ଟାୱାର ଦାବି

ଆର୍. ଉଦୟଗିରି,୨୦।୧୦(ଡି.ଏନ୍.ଏ.): ମୋହନା ବ୍ଲକ ଏକ ଦୁର୍ଗମ ଘାଟି ପାହାଡ଼ ଘେରା ଅଞ୍ଚଳ। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ ଏହି ଅଞ୍ଚଳରେ ମୋବାଇଲ ଟାୱାର ନଥିବାରୁ ଯୋଗଯୋଗ ପାଇଁ ବହୁ ଅସୁବିଧା ହେଉଛି। ଗରଡ଼ମା ପଞ୍ଚାୟତ ସହ ଗୁରୁଝୁଲି, ମଳାସପଦର, ଜରଉ, ଚୁଡୁଙ୍ଗପୁର, ଅନ୍ତରବା, କେଶରୀଗୁଡା, ଦମଦୁଆ, କଟାମା, କର୍ଚବାଡି ପଞ୍ଚାୟତର ରାଇସିଙ୍ଗ, ଶିକୁଲିପଦର ପଞ୍ଚାୟତର ମୁଡୁମୁଡିଆ ଆଦି ଗ୍ରାମରେ ମୋବାଇଲ ଟାୱାର ସ୍ଥାପନ ପାଇଁ ଏମ୍‌ପିଙ୍କଠାରେ ବ୍ଲକ ବିଜେଡି ସଭାପତି ରଞ୍ଜୀବ ଶବର, ଜିଲା ଷ୍ଟାଣ୍ଡିଙ୍ଗ କମିଟି ସଭ୍ୟ ହାଡ଼ିଆ କନ୍ଧ ଏବଂ ପୂର୍ବତନ ସମିତିସଭ୍ୟ କାନ୍ଦ୍ରା ଶବର ସ୍ଥାନୀୟ ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କୁ ଅନୁରୋଧ କରିଥିଲେ। ସେ ମୋବାଇଲ ଟାୱାର ବିଭାଗ ଅଧିକାରୀଙ୍କୁ ଦାବିପତ୍ରକୁ ସୁପାରିସ କରି ପଠାଇଥିବାରୁ ଅଞ୍ଚଳବାସୀ ଖୁସି ଅଛନ୍ତି।

### ସିପିଆଇ(ଏମ୍)ର ଆଞ୍ଚଳିକ ସମ୍ମିଳନୀ

କାଶୀନଗର,୨୦।୧୦(ଡି.ଏନ.ଏ.) କୁସିପିଆଇ(ଏମ) କାଶୀନଗର ଆଞ୍ଚଳିକ ସମ୍ମିଳନୀ ବୁଧବାର ଅଲଡା ପଞ୍ଚାୟତ ଲିଗୁଡାଠାରେ ଅନୁଷ୍ଠିତ ହୋଇଯାଇଛି। କମ୍ରେଡ୍ ମିନା ରାଓ ପତାକା ଉତ୍ତୋଳନ କରିଥିଲେ। ପାର୍ଟିର ରାଜ୍ୟ କମିଟି ସଭ୍ୟ ଯତୀନ୍ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଶହୀଦ୍ ବେଦୀରେ ମାଲ୍ୟାର୍ପଣ କରିଥିଲେ। ମିନା ରାଓ, ୟାପି ଶବର, କୋମକା ଶବରଙ୍କୁ ନେଇ ସଭାପତି ମଣ୍ଡଳୀ ସମ୍ମିଳନୀ ପରିଚାଳନା ହୋଇଥିଲା। ଜିଲା ସମ୍ପାଦକ ଦଣ୍ଡପାଣି ରଇତ, ଯତୀନ୍ ମହାନ୍ତି, ଶୁକୁ ଶବର ବକ୍ତବ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଆଗାମୀ ତିନିବର୍ଷ ପାଇଁ ଏକ ୧୫ ଜଣିଆ କମିଟି ନିର୍ବାଚନ ହୋଇଥିଲା। ପୁନର୍ବାର କାର୍ତ୍ତିକ ଶବରଙ୍କୁ ସମ୍ପାଦକ ଭାବେ ନିର୍ବାଚିତ କରାଯାଇଛି। ଏହି ନୂତନ କମିଟିରେ ଶୁକୁ ଶବର, ନାଗେଶ ଶବର, ଯେମଶ ବର, ପେଣ୍ଟିୟା ଶବର, ସୁବା ରାଓ ଶବର, ଭାସ୍କର ରାଉ, ରାଜିବ ବାବୁ ପ୍ରମୁଖ କମିଟି ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି।

### ମହିଳାଙ୍କ ଆତ୍ମହତ୍ୟା

ପାରଳାଖେମୁଣ୍ଡି,୨୦।୧୦(ଡି.ଏନ୍.ଏ.): ରାୟଗଡ଼ ଥାନା କୃଷ୍ଣପୁରରେ କୀଟନାଶକ ଔଷଧ ଖାଇ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ସେ ହେଲେ କୃଷ୍ଣପୁର ଗ୍ରାମର ରେବତୀ ଶବର। ରେବତୀ ମଧାହ୍ନରେ ନିଜ ବାସଭବନରେ କୌଣସି ମାନସିକ ଚାପଗ୍ରସ୍ତ ହୋଇ କୀଟନାଶକ ଖାଇ ଦେଇଥିଲେ। ତାଙ୍କୁ ରାୟଗଡ଼ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ରାୟଗଡ଼ ପୋଲିସ ପହଞ୍ଚି ମୃତଦେହ ଜବତ କରି ପାରଳାଖେମୁଣ୍ଡି ଜିଲାମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏ ନେଇ ନଂ. ୭/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ଯୁବକଙ୍କ ଝୁଲନ୍ତା ଗଳିତ ମୃତଦେହ ଜବତ

ବ୍ରହ୍ମପୁର ଅଫିସ,୨୦।୧୦: ବ୍ରହ୍ମପୁର ବଡବଜାର ଥାନା ପୋଲିସ ବୁଧବାର ଆଇନାବନ୍ଧ ସାହି ନିକଟ ବଜରଙ୍ଗୀନଗରର ଏକ ଘରୁ ଜଣେ ଯୁବକଙ୍କ ଝୁଲନ୍ତା ଅବସ୍ଥାରେ ଗଳିତ ମୃତଦେହ ଜବତ କରିଛି। ମୃତକ କେ.ଭୋଳା ଶଙ୍କର ଆଚାରୀ (୨୮)। ମୃତକଙ୍କ ଭାଇ ଶ୍ରୀକାନ୍ତ ଆଚାରୀଙ୍କ ଅଭିଯୋଗ କ୍ରମେ ପୋଲିସ ନଂ.୨୪/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଯୁବକଙ୍କ ମୃତ୍ୟୁର କାରଣ ଜଣାପଡୁ ନ ଥିବା ପୋଲିସ କହିଛି। ଅନ୍ୟପଟେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

### ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ତରଫରୁ କର୍ମୀ ସମ୍ମିଳନୀ

ଜି.ଉଦୟଗିରି,୨୦।୧୦(ଡି.ଏନ.ଏ.): ଜି.ଉଦୟଗିରି ସମ୍ପନ୍ନିତ ସଭାଗୃହରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ତରଫରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସ୍ତରରେ ସଙ୍ଗଠନକୁ ମଜଭୁତ କରିବା ପାଇଁ ଅନୁଷ୍ଠିତ ଏହି ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ଅନାମ ନାୟକ, କନ୍ଧମାଳ ପ୍ରଭାରୀ ବିସ୍ମୟ ମହାପାତ୍ର, ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ଜିଲା ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ଯାକେସ କୁମାର ପ୍ରଧାନ, ଏନ୍ଏସି ସଭାପତି ଏନ.ରାଜା ରାଓ, ବ୍ଲକ ସଭାପତି ସଦାନନ୍ଦ ନାୟକଙ୍କ ସହିତ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ନେଇ ରଣନୀତି ପ୍ରସ୍ତୁତ ହୋଇଥିଲା।

# ଗୃହମନ୍ତ୍ରୀଙ୍କ ବହିଷ୍କାର ଦାବି କଲା ସିପିଏମ୍

## ମମିତାଙ୍କ ପରିବାରକୁ କ୍ଷତିପୂରଣ, କ୍ରାଇମବ୍ରାଞ୍ଚ ତଦନ୍ତ ଦାବି

ବ୍ରହ୍ମପୁର ଅଫିସ,୨୦।୧୦



ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

କଳାହାଣ୍ଡି ଜିଲା ମହାଲିଙ୍ଗ ସନ୍‌ସାଇନ୍ ଘରୋଇ ଶିକ୍ଷାନୁଷ୍ଠାନ ମାଲିକ ଗୋବିନ୍ଦ ଚନ୍ଦ୍ର ସାହୁ ଗିରଫ ହେବା ପରେ ରହସ୍ୟଜନକ ଭାବେ ଥାନାରୁ ଫେରାର ହେବା ଘଟଣା ଭିନ୍ନ ମୋଡ ନେଇଛି। ଶିକ୍ଷାନୁଷ୍ଠାନ ଅଧକ୍ଷା ମମିତା ମେହେରଙ୍କ ମୃତଦେହ ଉଦ୍ଧାର ହେବା ଅତ୍ୟନ୍ତ ଘୃଣ୍ୟ, ନିନ୍ଦନୀୟ ଓ ଉଦ୍‌ବେଗଜନକ ବୋଲି ସିପିଏମ୍ ରାଜ୍ୟ କମିଟି ସମ୍ପାଦକ ଅଳି କିଶୋର ପଟ୍ଟନାୟକ କହିଛନ୍ତି। ବୁଧବାର ଶହିଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍‌ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ମମିତାଙ୍କ ନିଖୋଜ ଘଟଣାରେ ଗୋବିନ୍ଦଙ୍କ ସମ୍ପୃକ୍ତି ଯୋଗୁ ଥାନାକୁ ଡକାଯାଇଥିଲା। ଏଭଳି ସ୍ଥଳେ କିପରି ତାଙ୍କୁ ଖୋଲା ଛଡାଯାଇଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଗୋବିନ୍ଦଙ୍କ ସହ ରାଜ୍ୟ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପର୍କ ଯୋଗୁ ସାଧାରଣ ଲୋକ କେତେ ସୁରକ୍ଷିତ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଏଣୁ ମନ୍ତ୍ରୀ ମିଶ୍ରଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବା ସହ କ୍ରାଇମବ୍ରାଞ୍ଚ ତଦନ୍ତ ଓ ମମିତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଅଳି ଦାବି କରିଛନ୍ତି।

# ମହାନଗରରେ ଗଜଲକ୍ଷ୍ମୀ ପୂଜା

ବ୍ରହ୍ମପୁର ଅଫିସ୍,୨୦।୧୦

ବ୍ରହ୍ମପୁର ସହରର ବିଭିନ୍ନ ସାହିରେ ଚଳିତ ବର୍ଷ ଗଜଲକ୍ଷ୍ମୀ ପୂଜା ପାଳିତ ହୋଇଯାଇଛି। ଗୋଷାଣୀନୂଆଗାଁରେ ମା' ଗଜଲକ୍ଷ୍ମୀ ପୂଜା ପରିଚାଳନା କମିଟି ଚଳିତ ବର୍ଷ ୨୮ତମ ପୂଜା ପାଳନ କରୁଛି। କମିଟି ପକ୍ଷରୁ ପ୍ରଥମ କରି ୧୯୯୩ରେ ମୂର୍ତ୍ତି ପୂଜା ଆରମ୍ଭ ହୋଇଥିଲା। ସେ ସମୟରେ ବିନୋଦ ସାହୁ, ସତ୍ୟ ନାରାୟଣ ପାଢୀ ଓ ରାମ ଚନ୍ଦ୍ର ଚୌଧୁରୀ ମିଳିତ ଭାବେ ପୂଜା କରିଥିଲେ। ଆଶ୍ୱିନ ଶୁକ୍ଳପକ୍ଷ ପୂର୍ଣ୍ଣିମାଠାରୁ ୩ ଦିନ ଯାଏ ମା'ଙ୍କ ପୂଜା ପାଳନ ହେବ ବୋଲି ପଣ୍ଡିତ ଅଶୋକ କୁମାର ପାଢୀ କହିଛନ୍ତି।



ଗୋଷାଣୀନୂଆଗାଁରେ ପୂଜା ପାଉଥିବା ଗଜଲକ୍ଷ୍ମୀ।

# ବିଦ୍ୟୁତ୍ ଉପଭୋକ୍ତାଙ୍କ ଅସନ୍ତୋଷ ବଢୁଛି

## ମରାମତି ନାଁରେ ୯ ଘଣ୍ଟା ସେବା ବ୍ୟାହତ

ଭଞ୍ଜନଗର,୨୦।୧୦(ଡି.ଏନ୍.ଏ.)

ରାଜ୍ୟରେ ଟାଟା ପାୱାର ବିଦ୍ୟୁତ ବଣ୍ଟନ ଦାୟିତ୍ୱ ନେବା ପରଠୁ ଗ୍ରାହକ ସେବାରେ ଉନ୍ନତି ଆଣିବା ପାଇଁ ନୂଆ ନୂଆ ପଦକ୍ଷେପ ନେଉଛି। ହେଲେ ଉପଭୋକ୍ତା ଠିକ୍ ସେବା ନ ପାଇ ହନ୍ତସନ୍ତ ହେଉଛନ୍ତି। ଭଞ୍ଜନଗର ଅଞ୍ଚଳରେ ମରାମତି ନାଁରେ ଘଣ୍ଟା ଘଣ୍ଟା ପାୱାର କଟ୍ ହେଉଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି। ଗୁରୁବାର ଗ୍ରୀଡ ସବଷ୍ଟେସନ ମରାମତି ପାଇଁ ସକାଳ ୮ ଟାରୁ ଅପରାହ୍ନ ୫ ଟା ପର୍ଯ୍ୟନ୍ତ ପାୱାର କଟ ହେବ ବୋଲି ସୋସିଆଲ ମିଡିଆରେ ଟାଟା ପାୱାର ପକ୍ଷରୁ ସୂଚନା ଦିଆଯାଇଛି। ମରାମତି ପାଇଁ ଭଞ୍ଜନଗର, ବେଲଗୁଣ୍ଠା, ଜଗନ୍ନାଥପ୍ରସାଦ ଓ ସୋରଡ଼ା ବ୍ଲକ ଏବଂ ଏନଏସି ଅଞ୍ଚଳରେ ବିଦ୍ୟୁତ ସେବା ବନ୍ଦ ରହିବ। ଅନ୍ୟପକ୍ଷରେ ଅଘୋଷିତ ଭାବେ ବିଭିନ୍ନ ସମୟରେ ଭଞ୍ଜନଗର ଅଞ୍ଚଳରେ ବିଦ୍ୟୁତ ବିଭ୍ରାଟ ହେଉଥିବା ନେଇ ବିଭିନ୍ନ ସଂଗଠନ ବିଗତ ଦିନରେ ଅସନ୍ତୋଷ ବ୍ୟକ୍ତ କରିବା ସହ ଆନ୍ଦୋଳନ ଧମକ ଦେଇଥିଲେ। ହାତୀ ସୁରକ୍ଷା ପାଇଁ ମଧ ଗ୍ରାମାଞ୍ଚଳରେ ରାତିରେ ଘଣ୍ଟା ଘଣ୍ଟା ବିଦ୍ୟୁତ ସେବାକୁ ବନ୍ଦ କରି ଦିଆଯାଉଛି। ଭଞ୍ଜନଗର ଉପଖଣ୍ଡରେ ଟାଟା ପାୱାର ଗ୍ରୀଡ ଠାରୁ ଯେତିକି ବିଦ୍ୟୁତ କିଣୁଛି ତା' ଠାରୁ କମ ରାଜସ୍ୱ ଆଦାୟ ହେଉଛି। କ୍ଷତିରେ ସଂସ୍ଥା ଚାଲିଥିବା ଯୋଗୁ ବିଭାଗୀୟ ଅଧିକାରୀଙ୍କ ମଧ ମୁଣ୍ଡବ୍ୟଥା ମଧ ବଢ଼ିଯାଉଛି। ବିଦ୍ୟୁତ ବିଭାଗର ଜଣେ ଅଧିକାରୀ କହିଛନ୍ତି, ଟାଟା ପାୱାର ଦାୟିତ୍ୱ ନେବା ପରେ ସମସ୍ତ ଅଞ୍ଚଳରେ ମରାମତି କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। କାର୍ଯ୍ୟ ସରିବା ପରେ ଉପଭୋକ୍ତା ଉନ୍ନତ ସେବା ପାଇବେ।

# ମାଇକ୍ରୋ ଫାଇନାନ୍ସ ଅଧିକାରୀଙ୍କୁ ନ ପାଇ ଫେରିଲା ଗୁଜରାଟ ପୋଲିସ

ଭଞ୍ଜନଗର,୨୦।୧୦(ଡି.ଏନ୍.ଏ)

ଚିଟ୍‌ଫଣ୍ଡ ଠକେଇ ଯୋଗୁ ଭଞ୍ଜନଗର ଅଞ୍ଚଳର ବହୁ ଜମାକାରୀ ସେମାନଙ୍କ ଟଙ୍କା ବର୍ତ୍ତମାନ ସୁଦ୍ଧା ଫେରି ପାଇନାହାନ୍ତି। ରାଜ୍ୟ ସରକାର କୌଣସି କଡ଼ା ପଦକ୍ଷେପ ନେଉ ନ ଥିବା ଯୋଗୁ ଜମାକାରୀମାନେ ନିରାଶ ହୋଇଛନ୍ତି। ଗୁଜରାଟ ପୋଲିସ ବୁଧବାର ଭଞ୍ଜନଗର ଆସି ମାଇକ୍ରୋ ଫାଇନାନ୍ସ ଲିମିଟେଡର ଅଧିକାରୀମାନଙ୍କ ଘରେ ଚଢାଉ କରିଥିଲା। କମ୍ପାନୀ କର୍ମକର୍ତ୍ତାଙ୍କୁ ଗୁଜରାଟ ପୋଲିସ ନ ପାଇ ଫେରିଯାଇଛି। ଚଢାଉ ସମୟରେ ଭଞ୍ଜନଗର ପୋଲିସ ଥିଲା। ସୂଚନାଯୋଗ୍ୟ ଯେ ଚିଟ ଫଣ୍ଡ ଠକେଇ ପରେ ମାଇକ୍ରୋ ଫାଇନାନ୍ସ କମ୍ପାନୀର ଅଧିକାଂଶ କର୍ମକର୍ତ୍ତା ଆଉ ଭଞ୍ଜନଗରରେ ରହୁନାହାନ୍ତି।


ଚଢ଼ାଉ ପୂର୍ବରୁ ଭଞ୍ଜନଗର ଥାନା ପରିସରରେ ଗୁଜରାଟ ପୋଲିସ।

# ଶାରଦୀୟ ଠାକୁରାଣୀ ଯାତ୍ରା ଉଦ୍‌ଯାପିତ

ଦିଗପହଣ୍ଡି,୨୦।୧୦(ଡି.ଏନ.ଏ.)

ଦିଗପହଣ୍ଡିର ପ୍ରସିଦ୍ଧ ମା' ବୁଢ଼ୀ ଠାକୁରାଣୀଙ୍କ ଶାରଦୀୟ ବାର୍ଷିକ ଯାତ୍ରା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମା' ବୁଢ଼ୀ ଠାକୁରାଣୀଙ୍କୁ ବଜାର ଗାନ୍ଧୀ ଛକ ସ୍ଥିତ ଅସ୍ଥାୟୀ ଯାତ୍ରାପୀଠରେ ଯୋଗିନୀ ପୂଜା କ୍ରମରେ ଉଗ୍ରଚଣ୍ଡୀ ମଣ୍ଡଳ ତଥା ଶକ୍ତିପଲ୍ଲବ ମନ୍ତ୍ରରେ ପୂଜାବିଧି କରାଯାଇ ପଞ୍ଚୋପଚାର ବିଧି ଅନୁଯାୟୀ ମା'ଙ୍କୁ ମନ୍ଦିର ପୀଠକୁ ଆମନ୍ତ୍ରଣ ପୂର୍ବକ ଆବାହନ କରାଯାଇଥିଲା। ମୁଖ୍ୟ ପୁରୋହିତ ପଣ୍ଡିତ ସନାତନ ରଥ, ସେବାୟତ ଆଦିତ୍ୟ ପ୍ରସାଦ ପାତ୍ର, ଲିଙ୍ଗରାଜ ପାତ୍ର, ଶମ୍ଭୁନାଥ ପାତ୍ର, ସୋମନାଥ ପାତ୍ର, ପ୍ରଫୁଲ୍ଲ ପାତ୍ର, ବାପୁନି ପାତ୍ର, ବିଜୟ ଦାସ ପ୍ରମୁଖ ଅସ୍ଥାୟୀ ପୀଠରେ ମା'ଙ୍କୁ ପାରମ୍ପରିକ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ବୁଢ଼ୀ ଠାକୁରାଣୀଙ୍କ ମୁଖ୍ୟଘଟରୁ ଆଜ୍ଞାମାଳ ଖସିଥିଲା। ମୁଖ୍ୟଘଟରେ ମା'ଙ୍କୁ ପ୍ରସନ୍ନ କରାଯାଇ ଘଟକୁ ଶୋଭାଯାତ୍ରାର ସମ୍ମୁଖ ଭାଗରେ ରଖାଯିବା ପରେ ମା' ବୁଢ଼ୀ ଠାକୁରାଣୀଙ୍କୁ ବନ୍ଦାପନା କରାଯାଇ ବାହୁଡ଼ା ଯାତ୍ରା ଆରମ୍ଭ ହୋଇଥିଲା। ଯାତ୍ରା କମିଟି ସଭାପତି କୁରେଶୁ ମହାରଣା, କାର୍ଯ୍ୟକର୍ତ୍ତା ବିକାଶ ପଶୁପାଳକ, ପ୍ରଭାକର ରେଡ୍ଡୀ, ଅର୍ଦ୍ଧୁ.ଗୋବିନ୍ଦ, କେ.କୁନା, ଶିବଶଙ୍କର ମହାକୁଡ, ଦୁର୍ଗା ମେକାପ, ବାରିକ ବେହେରା, କୁରେଶୁ ମେକାପ, ଜଗୁ ବେହେରା, ପ୍ରଶାନ୍ତ ପଣ୍ଡା, ରାମକୃଷ୍ଣ ମେକାପ, ସୁଜିତ ପଟ୍ଟନାୟକ, ଏ.ସୁଶାନ୍ତ, ଗୋପାଳକୃଷ୍ଣ ପଣ୍ଡା, ସୀମାଞ୍ଚଳ ସାହୁ, ଏ.ସନ୍ତୋଷ, ମୁନା ବେହେରା ପ୍ରମୁଖ ସାମିଲ ଥିଲେ।

# ଶ୍ରେଣୀ ଶିକ୍ଷାଦାନକୁ ନେଇ ଉତ୍ସାହିତ ବିଦ୍ୟାର୍ଥୀ

ବ୍ରହ୍ମପୁର ଅଫିସ,୨୦।୧୦

କରୋନା ସଂକ୍ରମଣ ଭୟ ଦୃଷ୍ଟିରୁ ଦୁଇ ବର୍ଷ ହେବ ରାଜ୍ୟର ସମସ୍ତ ସ୍କୁଲ କଲେଜ ବନ୍ଦ ଥିଲା। ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣକୁ ଆସିବା ପରେ ଶିକ୍ଷା ବିଭାଗ ପକ୍ଷରୁ ପାଠପଢ଼ାକୁ ଗୁରୁତ୍ୱ ଦିଆଯାଇଛି। ଆସନ୍ତା ଗୁରୁବାରରୁ ଦଶହରା ଛୁଟି ପରେ ଯୁକ୍ତ ୨ ଓ ୨୫ ତାରିଖରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ଶ୍ରେଣୀ ପାଠପଢ଼ା ଆରମ୍ଭ ହେବା ନେଇ ରାଜ୍ୟ ଗଣ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି। ସରକାରଙ୍କ ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯାଇଛି। ଦୀର୍ଘଦିନ ପରେ ଅନ୍‌ଲାଇନ୍ ପଢାରୁ ବାହାରି ଶ୍ରେଣୀ ପାଠପଢ଼ା ଆରମ୍ଭ ହେଉଥିବାରୁ ଛାତ୍ରୀଛାତ୍ର ବେଶ ଉତ୍ସାହିତ ଅଛନ୍ତି।

## ସେମାନେ ଯାହା କୁହନ୍ତି


"ଦୀର୍ଘ ଦିନ ଧରି ବିଭିନ୍ନ ସମସ୍ୟା ମଧ୍ୟରେ ଅନ୍‌ଲାଇନ୍ କ୍ଲାସ ଚାଲିଥିଲା। କେତେବେଳେ ନେଟୱର୍କ ସମସ୍ୟା ତ ପୁଣି ଘରେ ପାଠପଢ଼ାରେ ଏକାଗ୍ରତା ଭଙ୍ଗ ହେଉଥିଲା। ଶ୍ରେଣୀ ଗୃହ ପାଠପଢ଼ା ଆରମ୍ଭ ହେଲେ ପାଠ ସହଜରେ ବୁଝି ହେବା ସହ ପ୍ରତିଯୋଗିତା ଆରମ୍ଭ ହେବ।

ସନ୍ତୋଷିନୀ ରଥ, ୮ମ ଶ୍ରେଣୀ ଛାତ୍ରୀ, ଭିଭି ଗିରି ବାଳିକା ଉଚ୍ଚ ବିଦ୍ୟାଳୟ


"ଶ୍ରେଣୀ ଗୃହ ଶିକ୍ଷା ସର୍ବୋତ୍ତମ ଏହା ନିସନ୍ଦେହ। କିନ୍ତୁ ସରକାରଙ୍କ ପକ୍ଷରୁ କରୋନା ତୃତୀୟ ଲହର ନେଇ ପୂର୍ବରୁ ଚେତାବନୀ ଦିଆଯାଇଛି। ଏହା ସହ ବର୍ତ୍ତମାନ ପାର୍ବଣ ଋତୁରେ ମଧ ପ୍ରବଳ ଭିଡ଼ ଥିଲା। ଏଭଳି ସ୍ଥିତିରେ ହଠାତ ସ୍କୁଲ ଖୋଲିବ ତେଣୁ ସଂକ୍ରମଣକୁ ନେଇ ଭୟ ରହୁଛି।

ପ୍ରତିମା ରଥ, ଅଭିଭାବକ, ବ୍ରହ୍ମପୁର


"କରୋନା ଯୋଗୁ ଦଶମଶ୍ରେଣୀର ସମ୍ପୂର୍ଣ୍ଣ ୧୦୦ ଦିନ ପାଠପଢ଼ା ମଧ ହୋଇପାରି ନ ଥିଲା। ଏହା ସହ ମହାବିଦ୍ୟାଳୟ କ୍ଷେତ୍ରରେ ମଧ ଯୁକ୍ତ ୨ ଛାତ୍ର ନୂଆ। ତେଣୁ ଶ୍ରେଣୀ ପାଠପଢ଼ା ଆରମ୍ଭ ହେଲେ ପ୍ରତ୍ୟେକ ବିଷୟ ଠିକ ଭାବେ ବୁଝି ହେବ।

ଶୁଭମ ଆଚାର୍ଯ୍ୟ, ଯୁକ୍ତ ୨ ପ୍ରଥମ ବର୍ଷ ବିଜ୍ଞାନ
ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ


"ଶ୍ରେଣୀ ଶିକ୍ଷା ଲାଗି ବିଭାଗ ପକ୍ଷରୁ ପଦେକ୍ଷେପ ନିଆଯାଇଛି। ୨୫ ତାରିଖ ପୂର୍ବରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଅଭିଭାବକଙ୍କ ମଧ୍ୟରେ ଏନେଇ ଆଲୋଚନା ହେବ। ଶ୍ରେଣୀ ଶିକ୍ଷା ସହ ଅନ୍‌ଲାଇନ୍ ପାଠପଢ଼ା ମଧ ଚାଲୁ ରହିବ। ବିଦ୍ୟାର୍ଥୀ ଓ ଅଭିଭାବକ ନିଜ ପସନ୍ଦ ଅନୁଯାୟୀ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ଉଭୟ କ୍ଷେତ୍ରରେ ପାଠ ପଢ଼ି ପାରିବେ। ବିଦ୍ୟାଳୟରେ କରୋନା ସଚେତନତାକୁ ଗୁରୁତ୍ୱ ଦିଆଯାଇ ଶିକ୍ଷାଦାନ କରାଯିବ।

ଆରତୀ ବାଳା ପଟ୍ଟନାୟକ, ପ୍ରଧାନ ଶିକ୍ଷୟିତ୍ରୀ, ଭିଭିଗିରି ବାଳିକା ମହାବିଦ୍ୟାଳୟ

## ଜହ୍ନିଓଷା ଉଦ୍‌ଯାପିତ



ବ୍ରହ୍ମପୁର ଅଫିସ,୨୦।୧୦

ରେଶମ ସହରରେ ବୁଧବାର ଜହ୍ନିଓଷା ଉଦ୍‌ଯାପିତ ହୋଇଛି। ଭଲ ବରପ୍ରାପ୍ତି ଆଶାରେ କୁମାରୀ ଝିଅମାନେ ଆଶ୍ୱିନ ମାସ ଆରମ୍ଭରୁ ମା' ବୃନ୍ଦାବତୀଙ୍କ ନିକଟରେ ଏହି ବ୍ରତ ପାଳନ କରିଥାନ୍ତି ବୋଲି ବିଶ୍ୱାସ ରହିଛି। ଗଞ୍ଜାମ ଜିଲା ସମେତ ଦକ୍ଷିଣ ଓଡ଼ିଶାର ଗାଁ ଗାଁରେ ଏହି ଓଷା ବେଶ୍ ଲୋକପ୍ରିୟ। ବ୍ରହ୍ମପୁର ସହରର ପ୍ରତ୍ୟେକ ସାହିରେ କୁମାରୀମାନେ ସାମୂହିକ ଭାବେ ଏକତ୍ରହୋଇ ଏହି ବ୍ରତ ପାଳନ କରିଥାନ୍ତି। କିନ୍ତୁ ସହରରେ ଗୋଷାଣୀନୂଆଗାଁ ଅଞ୍ଚଳ ଜହ୍ନିଓଷା ପାଳନ ନିମନ୍ତେ ପ୍ରସିଦ୍ଧ। ମାସ ଆରମ୍ଭରୁ କୁମାରୀମାନେ ନିୟମିତ ପୂଜା ସ୍ଥାନ ଗୋବରରେ ଲିପିବା ସହ ପଞ୍ଚ ରଙ୍ଗ ମୁରୁଜରେ ଝୋଟି ଆଙ୍କନ୍ତି। ସକାଳେ ସୂର୍ଯ୍ୟଦେବତାଙ୍କ ପୂଜା, ବାଲୁକା ପୂଜା, ବୃନ୍ଦାବତୀଙ୍କ ପୂଜା, ବାଲ ଭୋଗ ହୁଏ। ସନ୍ଧ୍ୟାରେ ଚନ୍ଦ୍ରପୂଜା ଅନୁଷ୍ଠିତ ହୁଏ। ଓଷା ପାଳନ କରୁଥିବା କୁମାରୀମାନେ ଆମିଷ ଓ ଜହ୍ନି ଭକ୍ଷଣ ବର୍ଜନ କରି ମାସ ସାରା ସାତ୍ତ୍ୱିକ ଭୋଜନ କରିଥାନ୍ତି। ପୂଜାରେ ଲକ୍ଷ୍ମୀ ନାରାୟଣଙ୍କ କଉଡ଼ିଖେଳ, ଯଶୋଦାଙ୍କ କୃଷ୍ଣପ୍ରତି ବାତ୍ସଲ୍ୟ, ଦେବୀ ବୃନ୍ଦାବତୀଙ୍କ ବନ୍ଦନା, ଜଗନ୍ନାଥ ଜଣାଣ ଗୀତ କୁମାରୀମାନେ ଏକା ସ୍ୱରରେ ଗାଇଥାନ୍ତି। ଆଶ୍ୱିନ ମାସ ପହିଲାରୁ ଆରମ୍ଭ ହେଉଥିବା ଏହି ବ୍ରତ କୁମାର ପୂର୍ଣ୍ଣମୀ ଦିନ ଉଦ୍‌ଯାପିତ ହୋଇଥାଏ।

## ଗାୟତ୍ରୀ ପରିବାର ପକ୍ଷରୁ ଏକକୁଣ୍ଡୀୟ ହୋମଯଜ୍ଞ

ଦିଗପହଣ୍ଡି,୨୦।୧୦(ଡି.ଏନ.ଏ.)

ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ବୁଧବାର ଗୌଡୁମୀ ନିକଟସ୍ଥ ବାଲିଢେପଠାରେ ଅବସରପ୍ରାପ୍ତ ଉପ-ସହକାରୀ କାରାପାଳ କାଳୁ ଚରଣ ସ୍ୱାଇଁଙ୍କ ବାସଭବନରେ ଏକ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ ସହ ପୁଂଶଧନ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳରୁ ଗାୟତ୍ରୀ ପରିବାରର ସକ୍ରୀୟ ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପ୍ରାୟ ଦୁଇ ଘଣ୍ଟା ଧରି ଗାୟତ୍ରୀ ପରିବାରର ପାରମ୍ପରିକ ନୀତି ଅନୁଯାୟୀ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଲୋକଙ୍କ ମନରେ ଏକ ଆଧାତ୍ମିକ ଚେତନା ଜାଗ୍ରତ କରି ରାଷ୍ଟ୍ର ନିର୍ମାଣରେ ସହଭାଗିତା ହେବା ଗାୟତ୍ରୀ ପରିବାରର ବିଚାରକ୍ରାନ୍ତି ଅଭିଯାନର ମୁଖ୍ୟ ଲକ୍ଷ୍ୟ ବୋଲି ଗଞ୍ଜାମ ଜିଲା ସଂଯୋଜକ ତ୍ରିନାଥ ସେଠୀ କହିଛନ୍ତି। ଆଗାମି ରାଷପୂର୍ଣ୍ଣିମା ଦିନ ଗୌଡୁମୀ ଠାରେ ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ କରିବା ପାଇଁ ଗାୟତ୍ରୀ ପରିବାରର ସକ୍ରୀୟ ସଦସ୍ୟ କାଳୁ ଚରଣ ସ୍ୱାଇଁଙ୍କ ପ୍ରସ୍ତାବକୁ ଅନ୍ୟ ସମସ୍ତ ସକ୍ରୀୟ ସଦସ୍ୟମାନେ ସମର୍ଥନ କରିଥିଲେ। ଏହି ପ୍ରସ୍ତାବକୁ ସାନଖେମୁଣ୍ଡି ବ୍ଲକ ପୂର୍ବତନ ଅଧକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁ ସମର୍ଥନ କରିଥିଲେ। ରାମହରୀ ପଟ୍ଟନାୟକ, ଗୌଡୁମ ବାଡତ୍ୟା, ତ୍ରିନାଥ ବେହେରା, ଅଭିମନ୍ୟୁ ରାୟ, ଉମାଶଙ୍କର ଆଚାରୀ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ୍ ଥିଲେ। କାର୍ଯ୍ୟକ୍ରମକୁ ବିରଷ୍ଠ କର୍ମକର୍ତ୍ତା ସୋମନାଥ ସ୍ୱାଇଁ, ସନାତନ ଜେନା ଓ ରାଜଲକ୍ଷ୍ମୀ ମଲ୍ଲୀକ୍ ପ୍ରମୁଖ ପରିଚାଳନା କରିଥିଲେ।

## ପଞ୍ଚାୟତ ନିର୍ବାଚନ ପାଇଁ ଆଲୋଚନା ସଭା

ଦିଗପହଣ୍ଡି,୨୦।୧୦(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଆଙ୍କୋରଡା ଗ୍ରାମ ସ୍ଥିତ ସ୍ୱପ୍ନେଶ୍ୱର ଶୈବପୀଠ ପ୍ରାଙ୍ଗଣରେ ବିଜେଡି ପକ୍ଷରୁ ମଙ୍ଗଳବାର ରାମନାଥ ବିଷୋୟୀଙ୍କ ଅଧକ୍ଷତାରେ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ତାରକେଶ୍ୱର ଦୋରା ସଂଯୋଜନା କରିଥିଲେ। ବୈଠକରେ ଆଗାମୀ ଦିନରେ ହେଉଥିବା ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି କିଭଳି ଆଙ୍କୋରଡ଼ା ପଞ୍ଚାୟତର ବିକାଶ ହୋଇପାରିବ ଏବଂ ସମସ୍ତ ପଞ୍ଚାୟତବାସୀ ସରକାରଙ୍କ ପକ୍ଷରୁ ପ୍ରଣୟନ ହୋଇଥିବା ସମସ୍ତ ସହାୟତା ପାଇପାରିବେ ସେଥିନେଇ ମହିଳା ସରପଞ୍ଚ ପ୍ରାର୍ଥୀ ଭାବେ ରୀନା ପ୍ରଧାନ ଓ ସମିତି ସଭ୍ୟ ପ୍ରାର୍ଥୀ ଭାବେ ବିଜ୍ଞାନୀ ଭୋଳଙ୍କୁ ଚୟନ କରିଥିବା ନେଇ ସେମାନଙ୍କ ସ୍ୱାମୀଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ସ୍ଥାନୀୟ ସରପଞ୍ଚ ଉପସ୍ଥିତ ନଥିବା ବେଳେ ୧୦୦ ରୁ ଉର୍ଦ୍ଧ୍ୱ କର୍ମୀ ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ମା'ମଙ୍ଗଳାଙ୍କ ଉଭାପର୍ବ



**ଖଣ୍ଡପଡ଼ା,୨୦।୧୦ (ସ୍ୱ.ପ୍ର.):** ଖଣ୍ଡପଡ଼ା ସହରର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ସ୍ନାନ ଯାତ୍ରା ଓ ଉଭା ପର୍ବ ମଙ୍ଗଳବାର ବିଳମ୍ବିତ ରାତିରେ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରୁ ମା'ଙ୍କ ମଙ୍ଗଳ ଆଳତୀ, ନୀତିକାନ୍ତି ଶେଷ ପରେ ଭକ୍ତମାନେ ମା'ଙ୍କୁ ଦର୍ଶନ କରିଥିଲେ । ସନ୍ଧ୍ୟାରେ ଏକ ବିରାଟ ପାଟପଟୁଆରରେ ମା'ମଙ୍ଗଳାଙ୍କ ପ୍ରତିମାଙ୍କୁ ନିକଟସ୍ଥ ବଡ ପୋଖରୀକୁ ନିଆଯାଇଥିଲା। ଶତାଧିକ ମହିଳା କଳସ ଧରି ଏକ ଶୋଭାଯାତ୍ରାରେ ସେଠାକୁ ଯାଇଥିଲେ । ସେଠାରେ ମା'ଙ୍କ ସ୍ନାନ ସହ ଉଭା ପର୍ବ ଅନୁଷ୍ଠିତ ହୋଇଥିଲା । ମା'ଙ୍କ କାଳେସୀ ସହ ମାନସିକଧାରୀମହିଳାମାନେ ରାତିରେ ମନ୍ଦିର ପରିସରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ବାଜା, ବାଣ, ରୋଷଣି ସାଙ୍ଗକୁ ହରିବୋଲ ହୁଳହୁଳି ଧ୍ୱନୀ ଯୋଗୁ ଖଣ୍ଡପଡ଼ା ସହରରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ।

### ଆଦିବାସୀ ଅଞ୍ଚଳରେ ଲକ୍ଷ୍ମୀ ପୂଜା



**ଦଶପଲ୍ଲା,୨୦।୧୦(ଡି.ଏନ.ଏ.):** ଦଶପଲ୍ଲା ବ୍ଲକ ଅନ୍ତର୍ଗତ କଳସାଖମଣ ପଞ୍ଚାୟତର ଉଲିସାହି ଗ୍ରାମର ପିଲାମାନଙ୍କ ଉଦ୍ୟମରେ ଅନୁଷ୍ଠିତ ହୋଇଯାଇଛି ସାର୍ବଜନୀନ ଲକ୍ଷ୍ମୀପୂଜା । ଗାଁର ମିଲନ୍ ବାରିକ ମା'ଙ୍କ ମୂର୍ତ୍ତି ତିଆରି କରିଥିବା ବେଳେ ଅନ୍ୟ ପିଲାମାନେ ଟେଣ୍ଟ ଟାଣିବା, ଲାଇଟ୍ ବ୍ୟବସ୍ଥା, ପୂଜାସ୍ଥଳ ସଜେଇବା, ପ୍ରସାଦ ପ୍ରସ୍ତୁତ କରିବା ଆଦି କାମ କରିଥିଲେ । ସବୁଠାରୁ ବଡ଼ କଥା ହେଲା ପାହାଡ ଜଙ୍ଗଲ ଘେରା ଆଦିବାସୀ ଅଧୁଷିତ ଅଞ୍ଚଳରେ ଏହି ପିଲାମାନେ ନିଜ ଘରୁ ଟଙ୍କା ଓ ଆବଶ୍ୟକ ସାମଗ୍ରୀ ଆଣି ପୂଜା କରିବା ସହ ପ୍ରାୟ ୩ଶହ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ଖାଇବାକୁ ଦେଇଥିଲେ ।

### ୧୬୦ ଜୁଆଡ଼ି ଗିରଫ

**ଛତ୍ରପୁର,୨୦।୧୦(ଡି.ଏନ୍.ଏ.):** ଗଞ୍ଜାମ ପୋଲିସ ଜିଲାର ବିଭିନ୍ନ ଥାନା ପୋଲିସ ପକ୍ଷରୁ ଜୁଆଡ଼ିଙ୍କୁ ଗିରଫ ଅଭିଯାନ ଚାଲିଛି। ଜୁଆ ଆଡ୍ଡା ଗୁଡିକ ଉପରେ ଚଢ଼ାଉ କରାଯାଉଛି। ଗତ ୨୪ ଘଣ୍ଟା ମଧ୍ୟରେ ଗଞ୍ଜାମ ପୋଲିସ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଚାଲିଥିବା ଜୁଆ ଆଡ୍ଡାରେ ଚଢାଉ କରାଯାଇ ୧୬୦ ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ୪,୨୨, ୪୬୦ ଟଙ୍କା ଜବତ କରାଯାଇଛି । ଅଭିଯୁକ୍ତଙ୍କ ଠାରୁ ୫ଟି ମୋବାଇଲ ଫୋନ୍ ଜବତ କରାଯାଇଥିବା ଗଞ୍ଜାମ ପୋଲିସ ମୁଖ୍ୟାଳୟ ଟୁଇଟରୁ ସୂଚନା ମିଳିଛି ।

### ପୂର୍ବତନ ବିଧାୟକଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

**ନୟାଗଡ଼ ଅଫିସ,୨୦।୧୦:** ବଂଶୀଧର ସ୍ମୃତି କମିଟି ଆନୁକୂଲ୍ୟରେ ଇଟାମାଟି ବଂଶୀଧର ମହାବିଦ୍ୟାଳୟ ପରିସରରେ ନୟାଗଡ଼ର ପୂର୍ବତନ ବିଧାୟକ, ସାରସ୍ୱତ ସାଧକ ତଥା ଶିକ୍ଷାବିତ୍ ବଂଶୀଧର ସାହୁଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ବୁଧବାର ଅନୁଷ୍ଠିତ ହୋଇ ଯାଇଛି । ସ୍ମୃତି କମିଟିର ସଭାପତି ରଙ୍ଗନାଥ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପିସିସି ସେବାଦଳ ଅଧ୍ୟକ୍ଷ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଓ ମୁଖ୍ୟବକ୍ତାରୂପେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଯୋଗ ଦେଇ ବଂଶୀଧରଙ୍କ ସ୍ମୃତି ଚାରଣ କରିଥିଲେ। ଖୋର୍ଦ୍ଧାର ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନ, ଖଣ୍ଡପଡ଼ାର ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ, ପିସିସି ସମ୍ପାଦକ ହୋସେନ ଖାଁନ୍, ବଂଶୀଧର ମହାବିଦ୍ୟାଳୟ ସଭାପତି ଶରତ ଚନ୍ଦ୍ର ସାହୁ ଓ ଅଧ୍ୟକ୍ଷ ହର ପ୍ରସାଦ ରଣସିଂ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ । ଏ ଅବସରରେ ବଂଶୀଧରଙ୍କ କର୍ମମୟ ଜୀବନ ସହ ଜଡିତ ଥିବା ୬୦ଜଣ ବରିଷ୍ଠ ବ୍ୟକ୍ତିଙ୍କୁ ତୁଳସୀ ଗଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା । ସେହିପରି ସମାଜରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ୧୧ ଜଣ ଅନୁରୂପ ଭାବେ ସମ୍ବର୍ଦ୍ଧିତ ହୋଇଥିଲେ । ସ୍ମୃତି କମିଟିର ସମ୍ପାଦକ ଉମେଶ ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ବ୍ୟଙ୍ଗକବି ରବୀନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ । ମହାବିଦ୍ୟାଳୟରେ ପରିସରରେ ନିମ୍ବ ଗଛ ରୋପଣ କରାଯାଇଥିଲା ।

# ୬ବର୍ଷ ବିତିଲା, ୧୫୭ ସମିତିର ଅଡିଟ୍ ନାହିଁ

- ୧୦୦ କୋଟି ଟଙ୍କା ଦୁର୍ନୀତିକୁ ଚାପି ଦେବାକୁ ପ୍ରୟାସ
- ତଦନ୍ତ ଦାବି କଲା କଂଗ୍ରେସ

**ନୟାଗଡ଼ ଅଫିସ,୨୦।୧୦**

ନୟାଗଡ଼ ଜିଲାରେ ୧୫୭ ପ୍ରାଥମିକ କୃଷି ସମବାୟ ସମିତିର ୬ ବର୍ଷ ହେଲା ଅଡିଟ୍ କରାଯାଇନାହିଁ । ଏହି ସମୟସୀମା ମଧ୍ୟରେ ପ୍ରାୟ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଛି। ସେହି ଦୁର୍ନୀତିକୁ ଚାପି ଦେବାକୁ ଅଡିଟ୍ କରାଯାଉନାହିଁ ବୋଲି ଅଭିଯୋଗ ହୋଇଛି । ଏନେଇ ନୟାଗଡ଼ ଜିଲା କଂଗ୍ରେସ ପକ୍ଷରୁ ସମବାୟ ବିଭାଗକୁ ସମାଲୋଚନା କରାଯିବା ସହ ଏହି ଦୁର୍ନୀତିର ତଦନ୍ତ କରିବାକୁ ଦାବି କରାଯାଇଛି । ଯଥାଶୀଘ୍ର ୬ ବର୍ଷର ଅଡିଟ୍‌କୁ ଶେଷ କରିବା ସହ ଦୁର୍ନୀତିଗ୍ରସ୍ତ ଅଫିସରଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

ନୟାଗଡ଼ ଜିଲା ଓ ଖୋର୍ଦ୍ଧା ସବ୍‌ଡିଭିଜନ ପାଇଁ ଖୋର୍ଦ୍ଧା ସମବାୟ ସମିତି ସମୂହର ଅଡିଟ୍ ଅଫିସର(ସମୀକ୍ଷା ଅଧିକାରୀ) ନିଯୁକ୍ତି ପାଇଛନ୍ତି । ଅଡିଟ୍ ନ ହେବା ନେଇ ଅଡିଟ୍ ଅଫିସର ଉତ୍ତର ଦାୟୀ ରହିବେ । ପ୍ରତିବର୍ଷ ଅଡିଟ୍ ହେବା ପାଇଁ ସରକାରୀ ନିୟମ ରହିଛି । ଅଡିଟ୍ ରିପୋର୍ଟ ପ୍ରତିବର୍ଷ ସମବାୟ ସମିତିଗୁଡିକର ବାର୍ଷିକ ସାଧାରଣ ସଭାରେ ଉପସ୍ଥାପନ କରାଯିବ । ପୁଣି ଅଡିଟ୍ ରିପୋର୍ଟ ଉପରେ ଆଲୋଚନା କରାଯାଇ ରିପୋର୍ଟକୁ ମଞ୍ଜୁର କରାଯିବ କଥା । ହେଲେ ଠିକ୍ ସମୟରେ ଅଡିଟ୍ ହେଉ ନ ଥିବାରୁ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରାଯାଉଥିବା ଅଭିଯୋଗ ହୋଇ ଆସୁଛି। ହେଲେ ଏହି ଅଭିଯୋଗକୁ କେହି ଶୁଣୁ ନାହାନ୍ତି । ଏନେଇ ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ କୁହନ୍ତି, ରାଜ୍ୟ ସରକାରଙ୍କ ଯୋଗାଣ ବିଭାଗ ନୟାଗଡ଼ ଜିଲାରେ ୧୪ ଲକ୍ଷ କୁଇଣ୍ଟାଲ ଧାନ କିଣିଛି। କୁଇଣ୍ଟାଲ ପିଛା ୧୭୬୦ ଟଙ୍କା ହିସାବରେ ୨୪୬କୋଟି ୪୦ ଲକ୍ଷ ଟଙ୍କାର ଧାନ କିଣା ହୋଇଛି । ସେହିପରି ଏହାପୂର୍ବରୁ ବର୍ଷକୁ ୧୨ ଲକ୍ଷ କୁଇଣ୍ଟାଲ ଧାନ କିଣା ଯାଇଥିବା ଏକ ରିପୋର୍ଟ ହସ୍ତଗତ ହୋଇଛି । ଏହି ଅଧାରରେ ୬ ବର୍ଷ ଭିତରେ ଯୋଗାଣ ବିଭାଗ ୧୨ ଶହ କୋଟି ଟଙ୍କାର ଧାନ କିଣିଛି। ତେବେ ଏହି ଧାନ କିଣାରେ ପ୍ରାୟ ୧୦୦ କୋଟି ଟଙ୍କା ଆତ୍ମସାତ୍ କରାଯାଇଥିବା ପ୍ରମାଣ ମିଳୁଛି । ଯାହାକି ତଦନ୍ତ ସାପେକ୍ଷ । ଏହି ଦୁର୍ନୀତିକୁ ଘଣ୍ଟ ଘୋଡାଇବା ପାଇଁ ଜାଣି ଶୁଣି ଅଡିଟ୍ କରାଯାଉ ନାହିଁ । ଏଥିରେ ସମିତି ସମ୍ପାଦକଙ୍କଠାରୁ ଆରମ୍ଭ କରି ଅନେକ ଅଧିକାରୀ ଓ ପଦାଧିକାରୀ ସାମିଲ ଅଛନ୍ତି। ଅନ୍ୟପକ୍ଷେ ୨୦୧୯ ଫେବୃୟାରୀରୁ ଜିଲାପାଳ ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ପ୍ରଶାସିକା ଅଛନ୍ତି । ଏ ଦିଗରେ ଜିଲାପାଳଙ୍କ ପଦକ୍ଷେପ ନ ଥିବାରୁ ସେ ମଧ୍ୟ ସନ୍ଦେହ ଘେରରେ ଅଛନ୍ତି । ରାଜ୍ୟ ସମବାୟ ବିଭାଗ ମୋ ସରକାର ୫-ଟି ଅଧୀନକୁ ଆସିବା ପରେ ବିନା ଅଡିଟ୍‌ରେ କିପରି ନୟାଗଡ଼ ଜିଲାର ସମବାୟ ସମିତି କାମ କରୁଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ନୟାଗଡ଼ର ପୂର୍ବତନ ସମବାୟ ଅଧିକାରୀ ବିମଳ ଷଡ଼ଙ୍ଗୀ କୁହନ୍ତି, ନୟାଗଡ଼ ଜିଲାରେ ସମବାୟ ସମିତିଗୁଡିକର ଅଡିଟ୍ ଠିକ୍ ସମୟରେ କରାଯାଉ ନାହିଁ। ଏହା ଦ୍ୱାରା ଅଧିକାରୀ ଓ କର୍ମଚାରୀ ଦୁର୍ନୀତି କଲେ ମଧ୍ୟ ଧରା ପଡିବେ ନାହିଁ । ଅନିୟମିତତା ବଢ଼ି ଚାଲିବ । ଯାହାକି ଏବେ ପରିଲକ୍ଷିତ ହୋଇଛି । ନୟାଗଡ଼ ଜିଲାରେ ସମବାୟ ବିଭାଗର ସର୍ବୋଚ୍ଚ ଶାସନକର୍ତ୍ତା ଜିଲାପାଳ। ଜିଲାପାଳଙ୍କୁ ଅନ୍ଧକାରରେ ରଖି ଅଡିଟ୍ ଅଫିସର ମନଇଚ୍ଛା କାମ କରି ନିଜକୁ ସନ୍ଦେହ ଘେରକୁ ଟାଣିଛନ୍ତି । ଏନେଇ ନୟାଗଡ଼ ଏଆରସିଏସ୍ ଭାସ୍କର ପାଣିଗ୍ରାହୀ କୁହନ୍ତି, କର୍ମଚାରୀ ଅଭାବ କାରଣରୁ ଅଡିଟ୍ ହୋଇପାରି ନ ଥିଲା । ଅଡିଟ୍ ହେବା ନେଇ ଟେଣ୍ଡର ହୋଇସାରିଛି। ୨୦୨୧ ଫେବୃୟାରୀ ପର୍ଯ୍ୟନ୍ତ ଅଡିଟ୍ ହେବାକୁ ନିର୍ଦ୍ଦେଶ ରହିଛି । ଅଡିଟ୍ ଏକପ୍ରକାର ଆରମ୍ଭ ହୋଇଛି। ନୟାଗଡ଼ ଜିଲାରେ ଖୋର୍ଦ୍ଧା ସମବାୟ ସମିତି ସମୂହର ଅଡିଟ୍ ଅଫିସର ଅଡିଟ୍ କରିବେ ବୋଲି ସେ କହିଛନ୍ତି।



ଖଣ୍ଡପଡ଼ା ଅଞ୍ଚଳରେ ବୁଧବାର କୁମାରୀମାନେ କୁମାର ପୂର୍ଣ୍ଣିମା ପାଇଁ ଚାନ୍ଦ ପୂଜା କରୁଛନ୍ତି।

## ଗଜଲକ୍ଷ୍ମୀ ପୂଜା ପାଳିତ



**ଖଣ୍ଡପଡ଼ା,୨୦।୧୦(ସ୍ୱ.ପ୍ର.)**

ବୁଧବାରଠାରୁ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ଖଣ୍ଡପଡ଼ା ରଥଗଡ଼ା ଓ ବଜାର ସମେତ ବାଣପୁର, ବସନ୍ତପୁର, ଜଗନ୍ନାଥ ପ୍ରସାଦ, ମଙ୍ଗଳପୁର, ବାହାଡ଼ା,ମର୍ଦ୍ଦରାଜପୁର, ବନମାଳୀପୁର, ବରକୋଳି ବନ୍ଧ, ବେଣାଗାଡିଆ ଏବଂ ସିଧାମୂଳା ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଛି । ପାରମ୍ପରିକ ରୀତି ଅନୁଯାୟୀ ମା'ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ସହ ପ୍ରାଣ ପ୍ରତିଷ୍ଠା, ଚକ୍ଷୁଦାନ ଓ ସନ୍ଧ୍ୟା ଆଳତି ସମ୍ପନ୍ନ ହୋଇଥିଲା । ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଶେଷକରି ଖଣ୍ଡପଡ଼ା ସହରାଞ୍ଚଳର ୩ଟି ପୂଜା ମଣ୍ଡପ ସମେତ ବିଭିନ୍ନ ସ୍ଥାନରେ ମା'ଗଜଲକ୍ଷ୍ମୀଙ୍କ ପୂଜା ମଙ୍ଗଳବାର ରାତିରୁ ଆରମ୍ଭ ହୋଇଛି । କରୋନା କଟକଣା ଯୋଗୁ ପୂଜା ମଣ୍ଡପରେ ଜନସାଧାରଣଙ୍କ ଭିଡ ପରିଲକ୍ଷିତ ହୋଇନାହିଁ ।

## ଏଲିମେଣ୍ଟାରୀ ଶିକ୍ଷକ ସମନ୍ୱୟ ସମିତି ଗଠିତ

**ନୟାଗଡ଼ ଅଫିସ,୨୦।୧୦**

ନୟାଗଡ଼ ବ୍ଲକ ଏଲିମେଣ୍ଟାରୀ ଶିକ୍ଷକ ସମନ୍ୱୟ ସମିତି ନୟାଗଡ଼ରେ ଗଠନ ହୋଇଛି । ନୟାଗଡ଼ ପ୍ରାଥମିକ ଶିକ୍ଷକ ଭବନରେ ପ୍ରାଥମିକ ଶିକ୍ଷକ ସଂଘ, ନୂତନ ପେନସନ ଯୋଜନା ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ, ଏକ୍ସ କ୍ୟାଡର ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ଓ ଶିକ୍ଷକମାନେ ଯୋଗ ଦେଇ ଏହାକୁ ଗଠନ କରିଛନ୍ତି ।

ବିପିନ ବିହାରୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କର୍ମକର୍ତ୍ତା ଚୟନ ହୋଇ ଯାଇଛି । ସଭାପତି ଭାବେ ରଘୁନାଥ ସ୍ୱାଇଁ ମନୋନୀତ ହୋଇଥିବାବେଳେ ସାଧାରଣ ସମ୍ପାଦକ ଭାବେ ସୁରେଶ ଚନ୍ଦ୍ର ସେଠୀ ନିର୍ବାଚିତ ହୋଇଛନ୍ତି । ସେହିପରି ଉପଦେଷ୍ଟା ଭାବେ ବିପିନ ବିହାରୀ ଦାସ, ଭକ୍ତ ବଲ୍ଲଭ ବଟକୃଷ୍ଣ ମିଶ୍ର, ଶେକ୍ ଅବଦୁଲ୍ ଖାଲିକ ଓ ପୀତବାସ ପ୍ରଧାନ, କାର୍ଯ୍ୟକାରୀ ସଭାପତି ଭାବେ ସନ୍ତୋଷ ପ୍ରଧାନ, ଉପସଭାପତି ମିନାକ୍ଷୀ କର, ସଲିମ୍ ଇବ୍ରାହିମ୍ ଓ ଉମେଶ ଚନ୍ଦ୍ର ସ୍ୱାଇଁ, ସଂଯୋଜକ ଲକ୍ଷ୍ମୀଧର ସାହୁ, କୋଷାଧ୍ୟକ୍ଷ ଭାବେ ସଂଗ୍ରାମ କେଶରୀ ସାହୁ ଓ ସହସମ୍ପାଦକ ଭାବେ ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ମନୋନୀତ ହୋଇଛନ୍ତି । ଅନ୍ୟପକ୍ଷେ ନୟାଗଡ଼ ବ୍ଲକର ୧୫ ଆଞ୍ଚଳିକ ସାଧନ କେନ୍ଦ୍ର ନିମନ୍ତେ ୧୫ ଜଣ ଆଞ୍ଚଳିକ ସାଧନକେନ୍ଦ୍ର ସମ୍ପାଦକ ମନୋନୀତ ହୋଇଛନ୍ତି ।

## ନୂତନ ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ

**ଦିଗପହଣ୍ଡି,୨୦।୧୦(ଡି.ଏନ.ଏ.)**

ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟରେ ସିପକ କୁମାର ପାତ୍ର ନୂତନ ତହସିଲଦାର ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ବ୍ରହ୍ମପୁର ତହସିଲ କାର୍ଯ୍ୟାଳୟରେ ତହସିଲଦାର ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ। ନୂତନ ତହସିଲଦାରଙ୍କ ଯୋଗଦାନ ପରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ତାଙ୍କୁ ସ୍ୱାଗତ ଜଣାଇଥିଲେ।

## ୧୦ କୋଟି ଟଙ୍କା ଫେରସ୍ତ ପାଉ ନାହାନ୍ତି ଜମାକାରୀ

**ନୟାଗଡ଼ ଅଫିସ,୨୦।୧୦**

ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଥିବା କୁରାଳ ସେବା ସମବାୟ ସମିତିର ପ୍ରାୟ ୩ ହଜାର ଜମାକାରୀଙ୍କ ୧୦ କୋଟି ଟଙ୍କା ଫେରସ୍ତ ମିଳୁ ନ ଥିବା ଅଭିଯୋଗ ହେଉଛି । ଏନେଇ ବାରମ୍ବାର ଅଭିଯୋଗ, ପ୍ରତିବାଦ, ଆନ୍ଦୋଳନ ପରେ ସ୍ୱତନ୍ତ୍ର ଅଡିଟ୍ କରାଯାଇ ୬ କୋଟି ଟଙ୍କା ରିକଭରି ହେବା ପାଇଁ ନିର୍ଦ୍ଦେଶ ହୋଇଛି। ତେବେ ଜମାକାରୀ ସେମାନଙ୍କ ଟଙ୍କା ଫେରି ପାଉ ନାହାନ୍ତି । ଏ ଘଟଣାରେ ସମିତିର ସମ୍ପାଦକ ଓ ସଭାପତି ସର୍ତ୍ତମୂଳକ ଜାମିନ ପାଇଛନ୍ତି । ଅନ୍ୟପକ୍ଷେ ଜିଲାରେ କେତେଜଣ ସମ୍ପାଦକ, ଅନ୍ୟ କର୍ମଚାରୀ ଧାନକିଣା ଦୁର୍ନୀତୀରେ ନିଲମ୍ବିତ ହୋଇଛନ୍ତି ।

## ଘୋଷଣାର ୬ ମାସ ବିତିଲା
## ଇନ୍‌ଡୋର ଷ୍ଟାଡିୟମ ସ୍ଥାନ ଚିହ୍ନଟ ହୋଇନି

**କାଶୀନଗର,୨୦।୧୦(ଡି.ଏନ.ଏ**

ସରକାରଙ୍କ ଘୋଷଣା ପରେ ଗଜପତି ଜିଲାର କାଶୀନଗର ଠାରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ପାଇଁ କାଶୀନଗର ଓ ପାରଳାଖେମୁଣ୍ଡିଠାରେ ବୁଦ୍ଧିଜୀବୀମାନଙ୍କ ବୈଠକ ହୋଇଥିଲା । ଷ୍ଟାଡିୟମ ନିର୍ମାଣ ନିମନ୍ତେ ୪ କୋଟି ଟଙ୍କା ଅଟକଳର ମଞ୍ଜୁରୀ ହୋଇଥିବା ବୈଠକରେ ଘୋଷଣା କରାଯାଇଥିଲା । ଇତି ମଧ୍ୟରେ ୬ ମାସ ବିତିଗଲାଣି । ଷ୍ଟାଡିୟମ କେଉଁଠି ନିର୍ମାଣ ହେବ ସ୍ଥାନ ଚିହ୍ନଟ ହୋଇପାରିନାହିଁ। ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା ଯୋଗଦେବା ପରଦିନ କାଶୀନଗର ଗସ୍ତ କରି ଜାଗା ନିରୂପଣ ନିମନ୍ତେ ବିଡିଓ, ତହସିଲଦାର, ନିର୍ବାହୀ ଅଧିକାରୀ, କ୍ରୀଡ଼ା ଅଧିକାରୀଙ୍କ ସମେତ କେତେକ ଜାଗା ଦେଖି ଫେରିଥିଲେ । ଭେଟେରାରୀ ଡ଼ାକ୍ତରଖାନାର ଅବ୍ୟବହୃତ ଜାଗା ନିରୂପଣ କରାଯାଇଥିବା ସୂଚନା ଦେଇଥିଲେ । ପୁନଃ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କ ଦ୍ୱାରା ଆହୁତ ହେଲା ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ ସଭା । ବର୍ତ୍ତମାନ ସୁଦ୍ଧା ଷ୍ଟାଡିୟମର ଜାଗା ନାହିଁ କିମ୍ବା ନିର୍ମାଣର ନାଁ ଧରୁନାହାନ୍ତି । କାଶୀନଗରରେ ବିଜୁ ସ୍ମାର୍ଟ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ ନିମନ୍ତେ ୩ ଜଣ ମନ୍ତ୍ରୀ ତିନିଦିନ ଡ଼େରା ପକାଇଥିଲେ ମଧ୍ୟ ଷ୍ଟାଡିୟମର ଶୁଭଦାନ ହୋଇପାରିଲା ନାହିଁ ।

# ପଛୁଆବର୍ଗ ନିମନ୍ତେ ସଂରକ୍ଷିତ ଦାବି

## ଖଣ୍ଡପଡ଼ା ୬ନଂ. ଜିଲା ପରିଷଦ ଜୋନ

**ଖଣ୍ଡପଡ଼ା,୨୦।୧୦(ସ୍ୱ.ପ୍ର.)**

ଆସନ୍ତା ୨୦୨୨ରେ ଅନୁଷ୍ଠିତ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ସଂରକ୍ଷିତ ତାଲିକା ପ୍ରକାଶ ପାଇଛି । ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ୬ନଂ. ଜିଲା ପରିଷଦ ଜୋନ ମହିଳା ନିମନ୍ତେ ସଂରକ୍ଷିତ ରହିଛି । ତେବେ ଉକ୍ତ ଜୋନଟିକୁ ପଛୁଆବର୍ଗଙ୍କ ନିମନ୍ତେ ସଂରକ୍ଷିତ ରଖିବାକୁ ୬ନଂ. ଜୋନ ଅଧୀନ ୫ଟି ପଞ୍ଚାୟତର ଜନସାଧାରଣ ଦାବି କରିବା ସହ ଏ ସମ୍ପର୍କୀତ ଦାବିପତ୍ର ନୟାଗଡ଼ ଜିଲାପାଳ ଓ ଜିଲା ପଞ୍ଚାୟତ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ୬ନଂ. ଜୋନ ଅଧୀନ କଣ୍ଟିଲୋ, ବାଣପୁର, ବେଣାଗାଡିଆ, ସିଧାମୂଳା ଓ ବୋଦସା ପଞ୍ଚାୟତବାସୀଙ୍କ ଅଭିଯୋଗ, ଉକ୍ତ ଜୋନରେ ୭୫ ପ୍ରତିଶତ ଜନସାଧାରଣ ପଛୁଆବର୍ଗ ଶ୍ରେଣୀର ଅଟନ୍ତି । ତେଣୁ ପଛୁଆବର୍ଗଙ୍କ ନିମନ୍ତେ ୬ନଂ. ଜୋନ ଜିଲା ପରିଷଦ ଆସନଟି ସଂରକ୍ଷିତ ରଖିବାକୁ ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ, ବିଗତ ନିର୍ବାଚନରେ ୬ନଂ. ଜିଲା ପରିଷଦ ଆସନଟି ୧୯୯୭-୨୦୦୨ରେ ପଛୁଆବର୍ଗ, ୨୦୦୨-୨୦୦୭ ମହିଳା, ୨୦୦୭-୨୦୧୨ ଅନୁସୂଚିତ ଜାତି, ୨୦୧୨-୨୦୧୭ ପଛୁଆବର୍ଗ ମହିଳା, ୨୦୧୭-୨୦୨୨ ଅସଂରକ୍ଷିତ (ସାଧାରଣବର୍ଗ) ନିମନ୍ତେ ଉଦ୍ଦିଷ୍ଟ ଥିଲା । ନିୟମାନୁସାରେ ଉକ୍ତ ଜୋନଟି ପଛୁଆବର୍ଗଙ୍କ ପାଇଁ ସଂରକ୍ଷିତ ରଖିବାକୁ ଦାବି ହେଉଛି। ଏଥିପ୍ରତି ଉଚ୍ଚ ପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ସାଙ୍ଗ,ସଙ୍ଗ ସମାବେଶ-୧୯୭୮



ସାଙ୍ଗ, ସଙ୍ଗ ସମାବେଶରେ ଯୋଗ ଦେଇଥିବା ପୁରାତନ ଛାତ୍ରୀଛାତ୍ର।

**ଖଣ୍ଡପଡ଼ା,୨୦।୧୦ (ସ୍ୱ.ପ୍ର.)**

କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠ ୧୯୭୮ ମାଟ୍ରିକ ବ୍ୟାଚ ଛାତ୍ରମାନଙ୍କ ଏକ ବନ୍ଧୁମିଳନ ତଥା ସାଙ୍ଗ,ସଙ୍ଗ ସମାବେଶ ପଥରଚକଡାସ୍ଥିତ ମା' ନାରାୟଣୀ ପୀଠରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଅଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ନିମନ୍ତ୍ରୀତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ରଥ, ମହେନ୍ଦ୍ର କୁମାର ମହାନ୍ତି, ସନାତନ ମହାରଣା ଓ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଭୀମସେନ ରାଉତ ପ୍ରମୁଖ ଯୋଗଦେଇଥିଲେ । ପୂଜ୍ୟପୂଜାର ପରମ୍ପରା ଅନୁଯାୟୀ ଉପସ୍ଥିତ ଗୁରୁଜୀମାନଙ୍କୁ ଉତ୍ତରୀୟ, କୃତଜ୍ଞତାପତ୍ର ଓ ଉପହାର ପ୍ରଦାନ କରାଯାଇଥିଲା । ଗୁରୁଜୀମାନେ ଅତୀତର ସ୍ମୃତିଚାରଣ କରିବା ସହ ପୁରାତନ ଛାତ୍ରମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । ପ୍ରଦୀପ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କପର୍ଦ୍ଦି ଖେଳରେ ହାରିଲେ ଶ୍ରୀ ଜୀଉ



ସୁଦର୍ଶନଙ୍କୁ ବିମାନରେ ଗ୍ରାମ ପରିକ୍ରମା କରାଯାଉଛି।

### ସୁଦର୍ଶନଙ୍କ ଗ୍ରାମ ପରିକ୍ରମା

**ଖଣ୍ଡପଡ଼ା,୨୦।୧୦(ସ୍ୱ.ପ୍ର.)**

ବୁଧବାର କୁମାର ପୂର୍ଣ୍ଣିମା ତିଥିରେ ନୀଳମାଧବଙ୍କ ପୀଠରେ ମା'ଲକ୍ଷ୍ମୀଙ୍କ ସହିତ ଶ୍ରୀନୀଳମାଧବଙ୍କ କପର୍ଦ୍ଦି (ଜୁଆ)ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ଶ୍ରୀଜୀଉ ପରାଜିତ ହୋଇଥିଲେ। ଏହି ପ୍ରଥାକୁ ବହୁ ଶ୍ରଦ୍ଧାଳୁ ଉପଭୋଗ କରିଥିଲେ । ସେହିପରି ନୀଳମାଧବ ଜୀଉଙ୍କ ଆୟୁଧ ସୁଦର୍ଶନ ଗ୍ରାମବାସୀଙ୍କୁ ସୁରକ୍ଷା ଦେବା ପାଇଁ ସନ୍ଧ୍ୟାରେ ଗ୍ରାମ ବିଜେ କରିଥିଲେ । କୁମାର ପୂର୍ଣ୍ଣିମା ଅବସରରେ ଶ୍ରୀନୀଳମାଧବଙ୍କ ସମସ୍ତ ନୀତିକାନ୍ତି ସହ ସକାଳ ଧୂପ ପାରମ୍ପରିକ ରୀତିରେ ସମ୍ପନ୍ନ କରାଯାଇଥିଲା । ସନ୍ଧ୍ୟାରେ ସୁଦର୍ଶନଙ୍କୁ ବିମାନରେ ବିଜେ କରାଯାଇ ଘଣ୍ଟ,ଘଣ୍ଟା,କାହାଳୀ,ମୃଦଙ୍ଗ ବାଦ୍ୟରେ ଗ୍ରାମ ପରିକ୍ରମା କରାଯାଇଥିଲା । କଥିତ ଅଛି ବର୍ଷାଋତୁ ପରେ ଲୋକେ ଝାଡ଼ା, ଜ୍ୱର ଆଦି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡିଥାନ୍ତି । ଏହି ସବୁ ରୋଗରୁ ମୁକ୍ତି ତଥା ଲୋକଙ୍କୁ ସୁରକ୍ଷା ଦେବା ଲାଗି ଶ୍ରୀଜୀଉଙ୍କ ଆୟୁଧ ସୁଦର୍ଶନଙ୍କୁ ଗ୍ରାମ ପରିକ୍ରମା କରାଯାଇଥାଏ । ଏହି ପର୍ବ ପରେ ଶ୍ରୀଜୀଉଙ୍କ କପର୍ଦ୍ଦି(କଉଡ଼ି) ପୂଜା ଅନୁଷ୍ଠିତ ହୋଇଥିଲା । ଠାକୁରଙ୍କ ବଡ଼ସିଂହାର ସମୟରେ ଏହି କପର୍ଦ୍ଦି ପୂଜାର ବିଧି ରହିଛି । ଏହା ପରେ ଠାକୁରଙ୍କ ଜୁଆଖେଳ ନୀତି ଅନୁଷ୍ଠିତ ହୋଇଥିଲା । ଶ୍ରୀଜୀଉଙ୍କ ମାଧମ ପୂଜାରୀ ରବିନ୍ଦ୍ର ନାଥ ମିଶ୍ର ଓ ପତ୍ରୀ କୁଳମଣି ମିଶ୍ରଙ୍କ ମଧ୍ୟରେ ଜୁଆଖେଳ ସମ୍ପନ୍ନ ହୋଇଥିଲା । ସୂଚନାଯୋଗ୍ୟ, କପର୍ଦ୍ଦି ଖେଳ ପାଇଁ ଶ୍ରୀ ଜୀଉଙ୍କ ୨୧ଟି ରୁପାର କପର୍ଦ୍ଦି ରହିଛି।

## ପାର୍କିଂ ଫାଟକ ଶୁଭ ଉଦ୍‌ଘାଟନ

**ଗଞ୍ଜାମ,୨୦।୧୦(ଡି.ଏନ.ଏ.)**

ଗଞ୍ଜାମ ବ୍ଲକ କଣ୍ଟିଆଗଡ଼ ଗ୍ରାମ ନିକଟରେ ବିଜେ ପ୍ରସିଦ୍ଧ ବଟେଶ୍ୱର ଶୈବପୀଠ ନିକଟସ୍ଥ ମୁଖ୍ୟରାସ୍ତାରେ ଏକ ପାର୍କିଂ ଫାଟକର ଶୁଭ ଉଦ୍‌ଘାଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱଜିତ ରାୟ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ଦିଲିପ କୁମାର ଛୋଟରାୟ, ଉପସଭାପତି ଶବର କୁମାର ତରାଇ, ରଞ୍ଜିତ କୁମାର ପଲାଇ, ଶିବ ପ୍ରସାଦ ସ୍ୱାଇଁ, ବିରେନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଘରୋଇ ଗ୍ୟାସ୍ ସିଲିଣ୍ଡର କଳାବଜାର

- ବ୍ୟବସାୟିକ ପ୍ରତିଷ୍ଠାନରେ ବ୍ୟବହାର
- ନୀରବଦ୍ରଷ୍ଟା ସାଜିଛି ଯୋଗାଣ ବିଭାଗ

**ନୂଆଗାଁ,୨୦।୧୦(ଡି.ଏନ.ଏ.)**

ନୂଆଗାଁ ବ୍ଲକର ବିଭିନ୍ନ ଅଞ୍ଚଳରେ ଘରୋଇ ରନ୍ଧନ ଗ୍ୟାସ୍ ସିଲିଣ୍ଡରର କଳାବଜାର ଚାଲିଛି । ସରକାର ଘରୋଇ ବ୍ୟବହାର ଓ ବ୍ୟବସାୟ ପ୍ରତିଷ୍ଠାନ ପାଇଁ ପୃଥକ୍ ଗ୍ୟାସ୍ ସିଲିଣ୍ଡର ପ୍ରଚଳନ କରିଛନ୍ତି । ହେଲେ ନୂଆଗାଁ ଅଞ୍ଚଳରେ ତାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ବ୍ୟବସାୟିକ ପ୍ରତିଷ୍ଠାନରେ ଘରୋଇ ଗ୍ୟାସ୍ ସିଲିଣ୍ଡର ବ୍ୟବହାର କରାଯାଉଛି। ଚା ଦୋକାନୀଠାରୁ ଆରମ୍ଭ କରି ଛୋଟ, ବଡ଼ ହୋଟେଲରେ ଘରୋଇ ଗ୍ୟାସ୍ ସିଲିଣ୍ଡର ବ୍ୟବହାର କରାଯାଇଛି । ବହୁ ଉପଭୋକ୍ତା ଠିକ୍ ସମୟରେ ନିଜ ଘର ପାଇଁ ଗ୍ୟାସ୍ ସିଲିଣ୍ଡର ପାଉ ନ ଥିବା ବେଳେ ସେହି ଟାକି ଚଢ଼ା ଦରରେ ବ୍ୟବସାୟ ପ୍ରତିଷ୍ଠାନକୁ ଯୋଗାଇ ଦିଆଯାଉଛି । ଏପରି କି କେତେଜଣ ଉପଭୋକ୍ତାଙ୍କ ଗ୍ୟାସ୍ ସିଲିଣ୍ଡର ଯୋଗାଣ ବହିକୁ ବିତରକମାନେ ନିଜ ପାଖରେ ରଖି ବ୍ୟବସାୟ ପ୍ରତିଷ୍ଠାନକୁ ସିଲିଣ୍ଡର ଯୋଗାଣ କରୁଛନ୍ତି । ଦୀର୍ଘଦିନ ଧରି ଏପରି କଳାବଜାର ଚାଲିଥିଲେ ମଧ୍ୟ ଯୋଗାଣ ବିଭାଗ ସବୁ ଜାଣି ଅଜଣା ରହୁଛି । କୌଣସି ହୋଟେଲ କିମ୍ବା ବ୍ୟବସାୟିକ ପ୍ରତିଷ୍ଠାନକୁ ଯାଞ୍ଚ କରାଯାଉ ନାହିଁ କିମ୍ବା ଘରୋଇ ଗ୍ୟାସ୍ ସିଲିଣ୍ଡର କଳାବଜାର କରୁଥିବା ବିତରକ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ନୂଆଗାଁ ବ୍ଲକ ଯୋଗାଣ ନିରୀକ୍ଷକ ବି.ଶ୍ରୀହର୍ଷଙ୍କୁ ପ୍ରଶ୍ନ କରାଯିବାରୁ ସେ କହିଛନ୍ତି, ଏପରି ଅଭିଯୋଗ ପୂର୍ବରୁ ପାଇ ନ ଥିଲି । ଏହାର ତଦନ୍ତ ହେବ । ଅନିୟମିତତା ହେଉଥିବା ଜଣାପଡିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।



ନୂଆଗାଁର ଏକ ହୋଟେଲରେ ଘରୋଇ ଗ୍ୟାସ୍ ସିଲିଣ୍ଡର ବ୍ୟବହାର କରାଯାଉଛି।